## ଛାତ୍ରୀ ନିଖୋଜ, ଥାନାରେ ଏତଲା

ଦିଗପହଣ୍ଡି,(ଅଶେଷ ନାଥ ମିଶ୍ର)–ଦିଗପହଣ୍ଡି ଥାନା ଅନ୍ତର୍ଗତ ଏକ ଗାଁର ଜଣେ ମାଟ୍ରିକ ପଢ଼ୁଥିବା ଛାତ୍ରୀ ଘରୁ ନିଖୋଜ ହୋଇଥିବା ଅଭିଯୋଗ ହୋଇଛି। ଛାତ୍ରୀ ଜଣକ ଗତ ବୁଧବାର ସକାଳ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବହୁ ଖୋଜା ଖୋଜି କରିବା ପରେ ମଧ୍ୟ ତାଙ୍କ ପତ୍ତା ମିଳିନଥିଲା। ପରେ ଛାତ୍ରୀଙ୍କ ବାପା ଏନେଇ ଦିଗପହଣ୍ଡି ଥାନାରେ ଏତଲା ଦେବା ପରେ ଆଇଆଇସି ଦୀପ୍ତି ରଞ୍ଜନ ବେହେରା ନଂ.୪୪୦/୨୩ ମାମଲା ରୁଜୁ କରିଛନ୍ତି। ପୋଲିସ ଟିମ୍ ବିଭିନ୍ନ ସନ୍ଦିଗ୍ଧ ଅଞ୍ଚଳରେ ଚଢ଼ାଉ କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ମିଳିନଥିବା ତଦନ୍ତକାରୀ ପୋଲିସ ଅଧିକାରୀ ଏସଆଇ ଗୌତମ ସାହୁ କହିଛନ୍ତି।



## ସଂକ୍ଷେପରେ

### ଭେଟେରିନାରି ଟେକ୍ନିସିଆନଙ୍କ ସନ୍ଦେହଜନକ ମୃତ୍ୟୁ

ହିଞ୍ଜିଳିକାଟୁ,୧୬।୧୧(ଦ୍ୱିତୀକୃଷ୍ଣ ପଣ୍ଡା): ହିଞ୍ଜିଳିକାଟୁ ବ୍ଲକ କଞ୍ଚୁରୁ ପ୍ରାଣୀଧନ ଚିକିତ୍ସାଳୟର ଭେଟେରିନାରି ଟେକ୍ନିସିଆନ ପ୍ରମୋଦ କୁମାର ମହାକୁଡଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ଚିକିତ୍ସା କେନ୍ଦ୍ରର ଅନ୍ୟ ଷ୍ଟାଫ ଓ ଗ୍ରାମବାସୀ ଗୁରୁବାର ପ୍ରମୋଦଙ୍କ ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଚିକିତ୍ସାଳୟରେ ଏକ ବେଡ଼ରେ ଶୋଇଥିବା ଅବସ୍ଥାରେ ପ୍ରମୋଦଙ୍କ ମୃତଦେହ ଜବତ କରିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ଘଟଣାସ୍ଥଳରେ ହିଞ୍ଜିଳି ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ଥାନାରେ ନଂ ୩୧/୨୩ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପ୍ରମୋଦଙ୍କ ନିଜ ଗ୍ରାମ କୋରାପୁଟ। ପରିବାର ଲୋକ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯିବ।

### କଲେଜ ଛାତ୍ରୀକୁ ଆକ୍ରମଣ ଅଭିଯୋଗରେ ୨ ଗିରଫ

ଛତ୍ରପୁର,୧୬।୧୧(ସନ୍ତୋଷ ପାଢ଼ୀ): ଛତ୍ରପୁର ଥାନା ଅନ୍ତର୍ଗତ ମହିଳା ମହାବିଦ୍ୟାଳୟ ପାଖରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଯୁକ୍ତ ୩ ତୃତୀୟ ବର୍ଷର ଛାତ୍ରୀଙ୍କୁ ୨ଜଣ ଯୁବକ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ମାଡ଼ ମାରୁଥିଲେ। ସେଠାରେ ଜଣେ ଯୁବକ ଦେଖି ଦୁଇଜଣଙ୍କୁ ଅଟକ ରଖି ପୋଲିସକୁ ହସ୍ତାନ୍ତର କରିଥିଲେ। ଛାତ୍ରୀ ଜଣଙ୍କ ଏତଲା କ୍ରମେ ପୋଲିସ କେସ ନଂ ୭୬୬/୨୩ ରେ ମାମଲା ରୁଜୁ କରି ୨ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଏଏସଆଇ ବି.ଏନ. ଜେନା ସୂଚନା ଦେଇଛନ୍ତି। ଗିରଫ ଯୁବକ ହେଲେ ବଡମାଧପୁର ଗ୍ରାମର ପଙ୍କଜ ପରିଡ଼ା ଓ ଶାନ୍ତନୁ ପରିଡ଼ା।

### ଯୁବ ବିକାଶ କାର୍ଯ୍ୟକ୍ରମ ପ୍ରସ୍ତୁତି ବୈଠକ

ବାଲିପଦର,୧୬।୧୧(ବିଶିକେଶନ ସ୍ୱାଇଁ) ଆଞ୍ଚଳିକ ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟ ପରିସରରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ତରଫରୁ କ୍ରୀଡ଼ା, ସଂସ୍କୃତି, ସାମାଜିକ କାର୍ଯ୍ୟକ୍ରମ ଏବଂ ଅନ୍ୟାନ୍ୟ କାର୍ଯ୍ୟକଳାପ କ୍ଷେତ୍ରରେ ଅନୁଷ୍ଠିତ ହେବାକୁ ଯାଉଥିବା କାର୍ଯ୍ୟକ୍ରମ ସମ୍ବନ୍ଧରେ ଏକ ବୈଠକ ମହାବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ହରିହର ବିଶୋୟୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିବେକାନନ୍ଦ ପଟ୍ଟନାୟକ, ଇତିହାସ ବିଭାଗର ଅଧ୍ୟାପକ ଅମିୟ କୁମାର ସ୍ୱାଇଁ ଓ ସବ୍ ନୋଡାଲ ଅଫିସର ଗୋପୀନାଥ ମହାନ୍ତି, ଡ. ଏ ଜିତେଶ ରାଓ ଦୋରା, ମିନତି ଆଚାରୀଉପସ୍ଥିତ ଥିଲେ।

### ନାଟ୍ୟ ଖଳନାୟକ ପ୍ରଦୀପ ପ୍ରଧାନଙ୍କ ପରଲୋକ

କବିସୂର୍ଯ୍ୟନଗର, ୧୬।୧୧(କୃପାସିନ୍ଧୁ ସ୍ୱାଇଁ): କବିସୂର୍ଯ୍ୟନଗର ଦେଓଗାଁର ନାଟ୍ୟ ଖଳନାୟକ ପ୍ରଦୀପ ପ୍ରଧାନ (୩୫)ଙ୍କ ଗୁରୁବାର ପରଲୋକ ଘଟିଛି। ସେ ଭୁବନେଶ୍ୱର ଏକ ଘରୋଇ



ହସ୍ପିଟାଲରେ ଗତ ୨୮ ଅକ୍ଟୋବରରେ ପାଚନ ଗ୍ରନ୍ଥି ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ସ୍ତ୍ରୀ ପ୍ରଣତି, ଭାଉଜ ଖଜାପଲ୍ଲୀ ସରପଞ୍ଚ କୁନି ପ୍ରଧାନ, ଭାଇ ହୃଦାନନ୍ଦ ପ୍ରଧାନ ଓ ୨ ପୁଅ ମୃତ୍ୟୁଶଯ୍ୟା ନିକଟରେ ଥିଲେ। ଅନ୍ତିମ ଯାତ୍ରାରେ ବିଧାୟିକା ଲତିକା ପ୍ରଧାନ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ପାଢ଼ୀ, ବହୁ ସରପଞ୍ଚ ଓ ଜନପ୍ରତିନିଧି ଯୋଗ ଦେଇଥିଲେ।

# ଗଣମାଧ୍ୟମରେ ଏଆଇ ପ୍ରୟୋଗ ବେଳେ ସହନଶୀଳତା ଜରୁରୀ

## ଗଞ୍ଜାମ ଜିଲାସ୍ତରୀୟ ପ୍ରେସ ଦିବସ ପାଳିତ

ଛତ୍ରପୁର,୧୬।୧୧ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ଗଞ୍ଜାମ ଜିଲା ପ୍ରଶାସନ ଓ ଛତ୍ରପୁର ପ୍ରେସକ୍ଲବ ମିଳିତ ସହଯୋଗ କ୍ରମେ ପ୍ରେସ କ୍ଲବ ପରିସରରେ ଜିଲାସ୍ତରୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କୃତ୍ରିମ ବୁଦ୍ଧିମତା (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ଯୁଗରେ ଗଣମାଧ୍ୟମ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ସ୍ୱାଗତ କରିବା ସହ ପ୍ରେସ ଦିବସ ପାଳନର ତାତ୍ପର୍ଯ୍ୟ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କ'ଣ, ଏହାର ଆବଶ୍ୟକତା, ଅପବ୍ୟବହାରର କୁପରିଣାମ କ'ଣ ହେବ ସେହି ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରେସ କ୍ଲବର ଉପଦେଷ୍ଟା ରବିନ୍ଦ୍ର କୁମାର ପଣ୍ଡା କୃତ୍ରିମ ବୁଦ୍ଧିମତା ଯୁଗରେ ଗଣମାଧ୍ୟମ ଉପରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ୧୯୪୦ରେ ସର୍ବ ପ୍ରଥମେ ଆମେରିକାରେ କୃତ୍ରିମ ବୁଦ୍ଧିମତା ଆରମ୍ଭ କରାଯାଇଥିଲା ଓ ଏହାକୁ ଚିକିତ୍ସା କ୍ଷେତ୍ରରେ ବହୁଳ ଭାବେ ପ୍ରୟୋଗ କରାଯାଉଛି ବୋଲି ଅତିରିକ୍ତ




ପ୍ରେସ ଦିବସ ପାଳନ ଅବସରରେ ଆୟୋଜିତ ବୈଠକରେ ପୂର୍ବତନ ବିଧାୟକ ବକ୍ତବ୍ୟ ଦେଉଛନ୍ତି।

ଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ। ନୂତନ ଯୁବପିଢ଼ି ୟୁଟ୍ୟୁବ ଓ ଗୁଗୁଲ ଉପରେ ବହୁତ ବିଶ୍ୱାସ କରୁଛନ୍ତି। ଏହା ମସ୍ତିଷ୍କକୁ ସଙ୍କୁଚିତ କରିଦେଉଛି। ଖବର ପ୍ରସାରଣ କ୍ଷେତ୍ରରେ ସବୁ କିଛି ବିଶ୍ଳେଷଣ କରି ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିବା ପୂର୍ବରୁ ପ୍ରକୃତ ସତ୍ୟାସତ୍ୟ ଅନୁସନ୍ଧାନ କରି ତାହାକୁ ପ୍ରକାଶନ କରିବା ନିମନ୍ତେ ସାମ୍ବାଦିକମାନଙ୍କୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଛତ୍ରପୁରର ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ ଯୋଗଦେଇ କୃତ୍ରିମ ବୁଦ୍ଧିମତା ଯେପରି ମାନବ ସମାଜର କ୍ଷତିସାଧନ କରିବ ନାହିଁ ସେଥିପାଇଁ ଆଇନ ପ୍ରଣୟନ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଖବରଦାତା ପ୍ରକାଶ ପଟ୍ଟନାୟକ ନିଜ ବକ୍ତବ୍ୟରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ କେବେ ବି କୌଣସି ଖବରଦାତାଙ୍କ ଭୂମିକା ତୁଲାଇ ପାରିବ ନାହିଁ। ଏଣୁ ଖବରଦାତାମାନେ ନିଜର ସଚ୍ଚୋଟତା ରକ୍ଷାକରି ପେଶାକୁ ଆଗେଇ ନେବା ଉଚିତ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ଶକ୍ତିଧର ରାଜଗୁରୁ, ବିଘ୍ନରାଜ ସାହୁ, ଡ. ଭି. ରାଜେନ୍ଦ୍ର ରାଜୁ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଖବରଦାତା ରବୀନ୍ଦ୍ର କୁମାର ପଣ୍ଡା, ଗଞ୍ଜାମ ପ୍ରେସ କ୍ଲବର ସଭାପତି ଶବର କୁମାର ତରାଇ, ବିସ୍ମୟ ପ୍ରଧାନ, ଅଜିତ ସ୍ୱାଇଁ, ଛତ୍ରପୁର ପ୍ରେସ କ୍ଲବର ସଂପାଦକ ସରୋଜ କୁମାର ସାମଲ, ପ୍ରଶାନ୍ତ କୁମାର ମହାରଣା, କେ.ସତ୍ୟ ନାରାୟଣ ରେଡ୍ଡୀ, ରଶ୍ମିତା କୁମାରୀ ପାଣିଗ୍ରାହୀ ପ୍ରମୁଖ କୃତ୍ରିମ ବୁଦ୍ଧିମତା ଯୁଗରେ ଗଣମାଧ୍ୟମର ଉପକାରିତା ଓ ଅପକାରିତା ବିଷୟରେ ମତ ରଖିଥିଲେ। ଶେଷରେ ଛତ୍ରପୁର ପ୍ରେସ କ୍ଲବ ସଭାପତି ରବିନ୍ଦ୍ର ନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ୧୮ରେ ଭାଜପାର ବେଗୁନିଆପଡ଼ା ବ୍ଲକ ଘେରାଉ

କବିସୂର୍ଯ୍ୟନଗର (କୃପାସିନ୍ଧୁ ସ୍ୱାଇଁ),୧୬।୧୧ କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀସ୍ତରୀୟ ଭାଜପାର ବୈଠକ ଗୁରୁବାର ବେଗୁନିଆପଡ଼ାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସଂଯୋଜକ ଶ୍ୱେତ ଦୋରା ଅଧ୍ୟକ୍ଷତା କରିଥିଲେ। ନିର୍ବାଚନ ମଣ୍ଡଳୀ ସଂଯୋଜକ ମୁରଲୀଧର ପାଣିଗ୍ରାହୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀର ୭ଟି ମଣ୍ଡଳର ବୁଥସ୍ତରୀୟ କର୍ମକର୍ତ୍ତା ସ୍ଥିରୀକୃତ ହୋଇଥିଲା। ଆଗାମୀ ନିର୍ବାଚନ ଦୃଷ୍ଟିରେ ରଖି ବୁଥଗୁଡ଼ିକ ମଜବୁତ କରିବା ସହ ଜନମତ ନିଜ ପକ୍ଷକୁ ଆଣିବା ଲାଗି ମତ ପ୍ରକାଶ ପାଇଥିଲା। ବୈଠକରେ ୭ ମଣ୍ଡଳର ସଭାପତି, କର୍ମକର୍ତ୍ତାଙ୍କ ସମେତ ସାଙ୍ଗଠନିକ ଜିଲା ମହିଳା ସଭାନେତ୍ରୀ ମୀରାବାଈ ଦେଓ, ଘୁମୁସର ଜିଲା ସମ୍ପାଦକ ସଞ୍ଜୟ ଘୋଷ, କୋଷାଧ୍ୟକ୍ଷ ପୀତବାସ ପଣ୍ଡା, ରାଜ୍ୟ ଯୁବ ମୋର୍ଚ୍ଚା ମିଟୁ ନାହାକ,ଘୁମୁସର ଯୁବମୋର୍ଚ୍ଚା ଆଲୋକ ଶତପଥୀ,ବେଗୁନିଆପଡା ମଣ୍ଡଳ ମହିଳା ସଭାନେତ୍ରୀ ସୁଜାତା ପଟ୍ଟନାୟକ, ରତନ ବିଷୋୟୀ, ଲୋକନାଥ ଦାସ, ଦିଲୀପ ଦାସ, ପ୍ରକାଶ ଗୌଡ଼, ମାଧବ ପଟ୍ଟନାୟକ, ବାଲ୍ମୀକି ଦାସ, ରାମକୃଷ୍ଣ ସ୍ୱାଇଁ, ବନବିର ସ୍ୱାଇଁ, ଶ୍ରୀନିବାସ ଦୋରା, କାମାକ୍ଷା ପ୍ରସାଦ ମହାପାତ୍ର, ସୁଶାନ୍ତ ପଟ୍ଟନାୟକ, ମାନସ ରଞ୍ଜନ ଦାସ, ବିଶ୍ୱଜିତ ମହାପାତ୍ର, ଲକ୍ଷ୍ମଣ ଗୌଡ଼, କବି ସ୍ୱାଇଁ, ଦିଲ୍ଲୀପ ଦାସ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଯୋଗ ଦେଇଥିଲେ। ସବୁକ୍ଷେତ୍ରରେ ରାଜ୍ୟ ସରକାରଙ୍କ ବିଫଳତା ନେଇ ଆସନ୍ତା ୧୮ ତାରିଖରେ ବେଗୁନିଆପଡା ବ୍ଲକ ଘେରାଉ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

# କାର୍ତ୍ତିକ ମହୋତ୍ସବ ଆଳରେ ମହିଳା ସମାବେଶ

## ସାମିଲ ହେଲେ ହରଙ୍କ ସ୍ତ୍ରୀ, ଝିଅ



ପୂର୍ବତନ ନଗରପାଳିକାଙ୍କୁ ମହିଳାମାନେ ପାଛୋଟି ନେଉଛନ୍ତି।

କୋଦଳା,୧୬।୧୧(ଅମିତ କୁମାର ପଟ୍ଟନାୟକ):

ଆଗକୁ ସାଧାରଣ ନିର୍ବାଚନ। ଏହାପୂର୍ବରୁ ବିଭିନ୍ନ ସମାବେଶ ମାଧ୍ୟମରେ ଲୋକଙ୍କ ନିକଟତର ହେଉଛନ୍ତି କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀ ବିଜେଡିରୁ ବିଧାୟକ ପ୍ରାର୍ଥୀ ପାଇଁ ଆଶାୟୀ ଥିବା କୋଦଳାର ପୂର୍ବତନ ନଗରପାଳ ହରପ୍ରସାଦ ସାହୁ। ରାଜ୍ୟ ସରକାର ମହିଳାଙ୍କୁ ଗୁରୁତ୍ୱ ଦେଇଥିବାରୁ ମହିଳା ସମାବେଶମାନ କରି ସଂଗଠିତ ହେବାକୁ ସେ ଆହ୍ୱାନ ଦେଉଛନ୍ତି। ଗତ କିଛିଦିନ ପୂର୍ବେ କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖଜାପଲ୍ଲୀରେ ହରଙ୍କ ସ୍ତ୍ରୀ ତଥା କୋଦଳା ପୂର୍ବତନ ନଗରପାଳିକା ସୁନିତା ପ୍ରଭା ସାହୁ ମହିଳା ସମାବେଶ କରିଥିଲେ। ବୁଧବାର ବେଗୁନିଆପଡା ବ୍ଲକ ଫାଶୀରେ ଚାଲିଥିବା କାର୍ତ୍ତିକ ମହୋତ୍ସବରେ ଅତିଥି ଭାବେ ସୁନିତା ଏବଂ ତାଙ୍କ ଝିଅ ତଥା ଯୁଥ ଫୋରମ ଅଧ୍ୟକ୍ଷା ରଞ୍ଜିତା ସାହୁ ଯୋଗ ଦେଇଥିଲେ। ଉଭୟଙ୍କୁ ଶତାଧିକ ମହିଳା ପାଛୋଟି ନେବା ସହ ଗ୍ରାମ ପରିକ୍ରମା କରି ସଭାସ୍ଥଳକୁ ଯିବାପରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସୁନିତା କାର୍ତ୍ତିକ ମହାତ୍ମ୍ୟ ସମ୍ପର୍କରେ କହିଥିବା ବେଳେ ଅତିଥିମାନେ ମହିଳା ସଂଗଠନ ଉପରେ ଗୁରୁତ୍ୱାରୋପ କରିଥିଲେ। ତେବେ କାର୍ତ୍ତିକ ମହୋତ୍ସବ ଏକ ପ୍ରକାର ମହିଳା ସମାବେଶ ଥିଲା, ଯାହାକି କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନଙ୍କୁ କଡା ଟକ୍କର ଦେଉଛି ବୋଲି ଆଲୋଚନା ହେଉଛି। ହରଙ୍କ ନେତୃତ୍ୱରେ ମହିଳା ସମାବେଶ, ଯୁବ ସମାବେଶ, ସାଙ୍ଗଠନିକ ସମାବେଶ କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀରେ ବିଜେଡି ଅନ୍ତର୍ଦ୍ୱନ୍ଦ୍ୱକୁ ପଦାରେ ପକାଉଛି। ସେପଟେ ଆଗାମୀ ନିର୍ବାଚନରେ ହରଙ୍କୁ ବିଜେଡି ବିଧାୟକ ପ୍ରାର୍ଥୀ କରିବାକୁ ତାଙ୍କ ସମର୍ଥକଙ୍କ ପକ୍ଷରୁ ଦାବି ଜୋର ଧରିଛି।

# ଏମ୍‌କେଏସ୍‌ପିରେ ଶିଶୁ କ୍ରୀଡ଼ା ଉତ୍ସବ ପାଳିତ

ଫୁଲବାଣୀ,୧୬।୧୧(ରାକେଶ କୁମାର ରାଉତ)

ଫୁଲବାଣୀସ୍ଥିତ ମୋହନଦାସ କରମଚାନ୍ଦ ସାଂସ୍କୃତିକ ପରିଷଦ(ଏମ୍‌କେଏସ୍‌ପି) ଆନୁକୂଲ୍ୟରେ ଶିଶୁ କ୍ରୀଡ଼ା ଉତ୍ସବ ପାଳିତ ହୋଇଯାଇଛି। ଫୁଲବାଣୀ ପୌର ପରିଷଦର ସମସ୍ତ ସ୍କୁଲର ଛାତ୍ରୀଛାତ୍ରମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ନର୍ସରି ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ଯାଏ ପଢୁଥିବା କ୍ରୀଡାବିତ୍‌ଙ୍କ ମଧ୍ୟରେ ୨୯ ବିଭାଗରେ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ତିନି ଦିନ ବ୍ୟାପୀ ଏହି ଶିଶୁକ୍ରୀଡ଼ା ଉତ୍ସବକୁ ଜିଲା କ୍ରୀଡ଼ା ସଂଘର ସମ୍ପାଦକ ଶିବ ପ୍ରସାଦ ତ୍ରିପାଠୀ ଉଦ୍‌ଘାଟନ କରିଥିବା ବେଳେ ଫୁଲବାଣୀ ପୌରପରିଷଦର ନିର୍ବାହୀ ଅଧିକାରୀ ଅଜିତ୍ କୁମାର ପଟ୍ଟନାୟକ ମୁଖ୍ୟଅତିଥି ରୂପେ ଯୋଗଦେଇ କ୍ରୀଡାବିତ୍‌ମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ପରିଷଦର ସଭାପତି ବିଜୟ କୃଷ୍ଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ରୂପେ ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠୀ, ସମ୍ମାନିତ ଅତିଥି ଜିଲା କ୍ରୀଡ଼ା ଅଧିକାରୀ ସମୀର ରଞ୍ଜନ ନାୟକ ଓ ପୂର୍ବତନ ଫୁଲବାଣୀ ବିଧାୟକ ଦେବେନ୍ଦ୍ର କହଁର ଯୋଗଦେଇଥିଲେ। ଈଶାରାଣୀ ବେହେରା ଓ ଶ୍ରଦ୍ଧାଞ୍ଜଳି କହଁରଙ୍କୁ ଶ୍ରାବଣୀ ନନ୍ଦ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ରଙ୍କନିଧି ବେହେରା, ପ୍ରଶାନ୍ତ ଚନ୍ଦ୍ର ବେହେରା, ବିଭୂତି ଭୂଷଣ ବେହେରା, ଶିବ ବେହେରା, ଗୌର ଚନ୍ଦ୍ର ମହାନ୍ତି କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିବା ବେଳେ ପରିଷଦର ସଭ୍ୟ ସହଯୋଗ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବରିଷ୍ଠ ସଭ୍ୟ ବନ ବିହାରୀ ନନ୍ଦ ଓ କ୍ରୀଡ଼ା ସମ୍ପାଦକ ଦିଲୀପ କୁମାର ବାଘ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ଶରତ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# ଭୋଟର ତାଲିକା ସଂକ୍ଷିପ୍ତ ସଂଶୋଧନ ନେଇ ବୈଠକ

ଛତ୍ରପୁର,୧୬।୧୧ (ଦିଲ୍ଲୀପ ସାମଲ):

ଅକ୍ଟୋବର ୨୭ରୁ ଭୋଟର ତାଲିକାରେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ଆରମ୍ଭ ହୋଇଥିବା ବେଳେ ଏହା ଡିସେମ୍ବର ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମୟ ମଧ୍ୟରେ ଭୋଟର ତାଲିକାରେ ନିର୍ଦ୍ଧାରିତ ଫର୍ମ ପୂରଣ କରି ନାମ ପଞ୍ଜିକରଣ, ସଂଶୋଧନ, ଅପସାରଣ, ଆଧାରକାର୍ଡ ସହିତ ଭୋଟର ପରିଚୟ ପତ୍ର ସଂଯୋଗୀକରଣ କରାଯିବ। ଭୋଟର ତାଲିକା କିଭଳି ନିର୍ଭୁଲ ହେବ ସେଥି ନିମନ୍ତେ ସମସ୍ତ ନାଗରିକ ସହଯୋଗ କରିବା ଆବଶ୍ୟକ। ତେବେ ଯାଇ ସମସ୍ତେ ନିଜନିଜ ମତ ସାବ୍ୟସ୍ତ କରିବାରେ ଅସୁବିଧା ହେବ ନାହିଁ ବୋଲି ଗୁରୁବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡା କହିଛନ୍ତି।

ଭୋଟର ତାଲିକାରେ ଅଧିକ ସଂଖ୍ୟକ ମହିଳା ଯେପରି ଅନ୍ତର୍ଭୁକ୍ତ ହେବେ, ଯୁବ ଭୋଟର ସଂଖ୍ୟା ବୃଦ୍ଧିହେବ, ବିଶେଷ ଭାବେ ଆଦିବାସୀ ଗୋଷ୍ଠୀଙ୍କୁ ଗୁରୁତ୍ୱ ପ୍ରଦାନ, ଦିବ୍ୟାଙ୍ଗ ବ୍ୟକ୍ତି ବିଶେଷ, ବରିଷ୍ଠ ନାଗରିକ ଏବଂ ତୃତୀୟ ଲିଙ୍ଗ ବ୍ୟକ୍ତି ମାନେ ଯେପରି ଏହି ତାଲିକାରୁ ବଞ୍ଚିତ ହେବେ ନାହିଁ ସେଥିନିମନ୍ତେ ବିଶେଷ ଧ୍ୟାନ ଦିଆଯାଉଛି ବୋଲି କହିଥିଲେ। ନଭେମ୍ବର ୫ ଓ ୧୧ ତାରିଖ ସ୍ୱତନ୍ତ୍ର ପ୍ରଚାର ଅଭିଯାନ ଦିବସ ମାଧ୍ୟମରେ ବୁଥସ୍ତରୀୟ ଅଧିକାରୀମାନେ ନିକଟସ୍ଥ ମତଦାନ କେନ୍ଦ୍ରରେ ରହି ଫର୍ମଗୁଡିକ ଗ୍ରହଣ କରିଥିବା ବେଳେ ନଭେମ୍ବର ୧୯ ଓ ୨୫ ଦୁଇ ଦିନ ଧରି ସ୍ୱତନ୍ତ୍ର ପ୍ରଚାର ଅଭିଯାନ ଦିବସ ରହିଛି। ୨୦୨୪ ଜାନୁଆରୀ ୫ ରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ଡେପୁଟି କଲେକ୍ଟର (ନିର୍ବାଚନ) ରାଜେଶ କୁମାର ଏକା, ଆସିଷ୍ଟାଣ୍ଟ କଲେକ୍ଟର ଓମ ପ୍ରକାଶ ପରିଡା, ଛତ୍ରପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟର ଆସିଷ୍ଟାଣ୍ଟ କଲେକ୍ଟର ପୁଷ୍ପାଞ୍ଜଳି କୃଷିକାଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତନିଧିମାନେ ଉପସ୍ଥିତ ଥିଲେ।



ବୈଠକରେ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ଜିଲାପାଳ ଆଲୋଚନା କରୁଛନ୍ତି।

### ବାଇକ ଦୁର୍ଘଟଣାରେ ଜଣେ ମୃତ

ପୋଲସରା,୧୬।୧୧ (ସୁବ୍ରତ ବେହେରା): ପୋଲସରା ବ୍ଲକ ଅନ୍ତର୍ଗତ ବାଲିଛାଇ ଗ୍ରାମରେ ବାଇକ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। କବିସୂର୍ଯ୍ୟନଗର ଥାନା ବାଲିଛାଇ ଗ୍ରାମର ସନ୍ୟାସୀ ଜେନା (୫୦) ଘର ସାମ୍ନାରେ ଠିଆ ହୋଇଥିବା ବେଳେ ଉକ୍ତ ଗ୍ରାମର କୃଷ୍ଣ ନାହାକ ଆସିକା ପଟୁ ନିଜ ଗ୍ରାମକୁ ଫେରୁଥିବା ସମୟରେ କୌଣସି କାରଣବଶତଃ ଭାରସାମ୍ୟ ହରାଇ ବାଇକ ଦୁର୍ଘଟଣା ଘଟିଥିଲା। ଫଳରେ ଦୁଇ ଜଣ ଗୁରୁତର ହୋଇଥିଲେ। ସେମାନଙ୍କୁ ପୋଲସରା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସନ୍ୟାସୀଙ୍କ ମୃତ୍ୟୁ ଘଟିଥିବା ବେଳେ କୃଷ୍ଣଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ସନ୍ୟାସୀଙ୍କ ପରିବାର ପକ୍ଷରୁ ବାଲିଛାଇ ଫାଣ୍ଡିରେ ଲିଖିତ ଅଭିଯୋଗ ପରେ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏ ନେଇ ନଂ.୭୦୦/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ପୋଖରୀରେ ବୁଡ଼ି ନାବାଳକ ମୃତ

ପୋଲସରା,୧୬।୧୧(ସୁବ୍ରତ ବେହେରା) ପୋଲସରା ଥାନା ଅନ୍ତର୍ଗତ ମନଶିଳା ଗ୍ରାମର ଜଣେ ନାବାଳକଙ୍କ ବୁଧବାର ପୋଖରୀରେ ବୁଡି ମୃତ୍ୟୁ ଘଟିଛି। ସେ ହେଲେ କୃଷ୍ଣ ସାହୁଙ୍କ ପୁତ୍ର ଆୟୁଷ (୮)। ସେ ପୋଖରୀକୁ ଗାଧୋଇବାକୁ ଯାଇ କୌଣସି କାରଣ ବଶତଃ ପାଣିରେ ବୁଡ଼ିଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ପରେ ପୋଖରୀରୁ ଆୟୁଷଙ୍କୁ ବାହାର କରି ପୋଲସରା ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ନାବାଳକଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ଏ ନେଇ ନଂ. ୨୦/୨୩ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ମହିଳା ପ୍ରତିନିଧିଙ୍କ ଦକ୍ଷତା ପ୍ରଶିକ୍ଷଣ ଶିବିର

ଗୋପାଳପୁର,୧୬।୧୧(ନବୀନ ରାଜ ଆଚାରୀ)

ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ କୋଠରସିଂ ପଞ୍ଚାୟତ ୟୁଥ ଫର ସୋସିଆଲ ଡେଭେଲପମେଣ୍ଟ ଓ ୟୁନିସେଫ୍ ପକ୍ଷରୁ କୋଠାରସିଂ ପଞ୍ଚାୟତ ସଭାଗୃହରେ ମହିଳା ପ୍ରତିନିଧିମାନଙ୍କ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ହଳଦିଆପଦର, କନିଷି, ରଣ୍ଡା, ଚିକରଡା, ବିଶ୍ୱନାଥପୁର, ଚାନ୍ଦପୁର, ଗୋଳନ୍ଥରା, କୋଠାରସିଂ ଓ ମନ୍ତ୍ରୀଡି ପଞ୍ଚାୟତର ସମସ୍ତ ମହିଳା ପ୍ରତିନିଧି ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ରାଜେଶ୍ୱରୀ ଦୋରା, ସମ୍ମାନିତ ଅତିଥି ଭାବେ କୋଠାରସିଂ ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ବେହେରା, ସରପଞ୍ଚ ଏସ. ଦମୟନ୍ତୀ, ଚାନ୍ଦପୁର ପଞ୍ଚାୟତ ସରପଞ୍ଚ ସିଏଚ. ରଶ୍ମିତା ପାତ୍ର, ବି ସୁଜ୍ଞାନୀ ଓ ୟୁନିସେଫ୍‌ର ରାଜ୍ୟ ସଂଯୋଜକ ଗୀତାଞ୍ଜଳି ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ନରେନ୍ଦ୍ର କୁମାର ସାହୁ ପଞ୍ଚାୟତଗୁଡିକରୁ ଆସିଥିବା ମହିଳା ପ୍ରତିନିଧିମାନଙ୍କୁ ସରକାରଙ୍କ ପ୍ରତ୍ୟେକ କାର୍ଯ୍ୟ କିପରି ଶିଶୁ ଏବଂ ମହିଳା ମାନଙ୍କୁ କେନ୍ଦ୍ରିତ କରିହେବ ସେ ନେଇ ଯୋଜନା ପ୍ରସ୍ତୁତି କରି କାର୍ଯ୍ୟକାରୀ ସମ୍ପର୍କରେ କହିଥିଲେ। ଏହି ଅବସରରେ ୟୁଥ ଫର୍ ସୋସିଆଲ ଡେଭେଲପମେଣ୍ଟ ବ୍ଲକ ସଂଯୋଜକ ସୁଦୀପ କୁମାର ଚକ୍ରବର୍ତ୍ତୀ, ମାମାଲି ପଣ୍ଡା, ଗୀତାଞ୍ଜଳି ପାଣିଗ୍ରାହୀ ଏବଂ ବିପ୍ଳବ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ରାଣୀ ସହାୟକ କେନ୍ଦ୍ରରେ ଚିକିତ୍ସା ବ୍ୟବସ୍ଥା ବିପର୍ଯ୍ୟସ୍ତ

## କର୍ମଚାରୀ ଅଭାବ

ଖଜୁରିପଡ଼ା,୧୬।୧୧ (ବିଦୁର ବେହେରା)

ସରକାର ଲୋକଙ୍କୁ ସ୍ୱାବଲମ୍ବି କରିବା ପାଇଁ ଗୋ-ପାଳନଠାରୁ ଆରମ୍ଭକରି ଛେଳି, ମେଣ୍ଢା, କୁକୁଡା ଚାଷ ପାଇଁ ଆବଶ୍ୟକ ସୁବିଧା ସୁଯୋଗ ଯୋଗଉଛନ୍ତି। କିନ୍ତୁ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଆବଶ୍ୟକ ଡାକ୍ତର ପଦବୀ ସାଙ୍ଗକୁ ପଶୁଧନ ନୀରିକ୍ଷକ ସହିତ ଆନୁସଙ୍ଗିକ ବିଭାଗୀୟ କର୍ମଚାରୀ ପଦବୀଗୁଡିକ ଦୀର୍ଘଦିନ ଧରି ଖାଲିପଡିଥିବାରୁ ଖଜୁରିପଡ଼ା ବ୍ଲକରେ ପଶୁସେବା ବିପର୍ଯ୍ୟସ୍ତ ହୋଇଛି। ପ୍ରତିବର୍ଷ ଗୃହପାଳିତ ପ୍ରାଣୀଙ୍କୁ ସାହାଣା, ଫାଟୁଆ, ଆନ୍ଥ୍ରାକ୍ସ ଥେଲେରିଓସିସ, ବ୍ରୁସେଲୋସିସ ଆଦି ସଂକ୍ରାମକ ରୋଗର ନିରାକରଣ ପାଇଁ ଆବଶ୍ୟକୀୟ ପ୍ରତିଷେଧକ ଟିକାକରଣ ଠିକ ସମୟରେ ହୋଇପାରୁନାହିଁ। ଫଳରେ ଗୃହପାଳିତ ପ୍ରାଣୀମାନେ ମୃତ୍ୟୁବରଣ କରୁଛନ୍ତି।

ଖଜୁରିପଡ଼ା ବ୍ଲକ ୧୪ ପଞ୍ଚାୟତକୁ ନେଇ ଗଠିତ। ବ୍ଲକରେ ଗୋଟିଏ ପ୍ରାଣୀ ଚିକିତ୍ସାଳୟ ରହିଛି ଯାହାର ଅଧୀନରେ ୮ ପ୍ରାଣୀ ସହାୟକ କେନ୍ଦ୍ର ରହିଛି। ସେଠାରେ ୪ ଜଣ ପ୍ରାଣୀ ନିରୀକ୍ଷକ ଅଧିକାରୀ କାର୍ଯ୍ୟରତ ଥିବାରୁ ଜଣକୁ ଦୁଇ ଟି ଲେଖାଏ ପ୍ରାଣୀ ସହାୟକ କେନ୍ଦ୍ର ଦାୟିତ୍ୱ ଦିଆଯାଇଛି। ଯାହା ଦ୍ୱାରା ଠିକ ସମୟରେ ଚିକିତ୍ସା ଯୋଗାଇ ଦିଆଯାଇ ପାରୁ ନ ଥିବାରୁ ଗୋ ସମ୍ପଦ ରୋଗ ଗ୍ରସ୍ତ ହୋଇ ଅକାଳ ମୃତ୍ୟୁ ହେଉଥିବା ଅଭିଯୋଗ ହେଉଛି। ଫଳରେ ଗୋ-ଏବଂ ମଇଁଷି ପାଳନ ଉପରେ ଚାଷୀ ଆଗ୍ରହ ପ୍ରକାଶ କରୁ ନାହାନ୍ତି। ୮ ଟି ପ୍ରାଣୀ ସହାୟକ କେନ୍ଦ୍ରରେ ୪ ଜଣ ପ୍ରାଣୀଧନ ନୀରିକ୍ଷକଙ୍କ ଏବଂ ୧୨ ଜଣ ପ୍ରାଣୀ ମିତ୍ର ଦ୍ୱାରା ପ୍ରାଣୀଧନ ସେବା ଏକମାତ୍ର ବିକଳ୍ପ ହୋଇରହିଛି। ଯାହାଫଳରେ ଶଙ୍କର ଜାତୀୟ ଗାଈ ଗୋରୁ ରୋଗାକ୍ରାନ୍ତ ହେଲେ ଆବଶ୍ୟକ ଚିକିତ୍ସାରୁ ବଂଚିତ ହେଉଛନ୍ତି। ଏଥିପ୍ରତି ରାଜ୍ୟ ଏଚଆରଡି କମିଶନର ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି। ଏ ନେଇ ବ୍ଲକ ପ୍ରାଣୀଧନ ଚିକିତ୍ସକ ଅଧିକାରୀ ଦେବାଶିଷ ସାହୁଙ୍କୁ ପଚାରିବାରୁ ଏ ସମ୍ପର୍କରେ ସରକାରଙ୍କୁ ଏବଂ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ଜଣାଉଛୁ, ମାତ୍ର ଖାଲିପଡ଼ିଥିବା ପ୍ରାଣୀଧନ ନିରୀକ୍ଷକ ଏବଂ ପଦବୀ ପୂରଣରେ ବିଳମ୍ବ ଯୋଗୁ ବହୁ ସମସ୍ୟା ମଧ୍ୟ ଦେଖାଯାଉଛି ବୋଲି ସେ ପ୍ରକାଶ କରିଛନ୍ତି।

# ଜିଲାସ୍ତରୀୟ ୟୁଥ୍ ରେଡକ୍ରସ୍ ଶିବିର ଉଦ୍‌ଯାପିତ

ବୁଗୁଡା,୧୬।୧୧(କାଳୀଚରଣ ଦାଶ) ଭାରତୀୟ ରେଡକ୍ରସ ସୋସାଇଟି ଏବଂ ଓଡ଼ିଶା ରାଜ୍ୟ ଶାଖା ଆନୁକୂଲ୍ୟରେ ବୁଗୁଡା ପିପୁଲ୍ସ କଲେଜ ପକ୍ଷରୁ ଆୟୋଜିତ ଗଞ୍ଜାମ ଜିଲା ସ୍ତରୀୟ ତ୍ରିଦିବସୀୟ ୟୁଥ୍ ରେଡ୍‌କ୍ରସ୍ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ଶିବିରରେ ୩୫ଟି କଲେଜର କାଉନସିଲର ଏବଂ ୧୧୫ ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କଲେଜ ଅଧ୍ୟକ୍ଷ ହରିକୃଷ୍ଣ ନାୟକ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଏବଂ ସମ୍ମାନିତ ଅତିଥି ଭାବେ ଛତ୍ରପୁର କଲେଜ ଅଧ୍ୟକ୍ଷ ପ୍ରମୋଦ କୁମାର ତ୍ରିପାଠୀ, ବୁଗୁଡ଼ା ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ସୁଧାଂଶୁ ଶେଖର ପାଢ଼ୀ, ମଦନ ଗୋପାଳ ଦୋରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବେଷ୍ଟ ଭଲ୍ୟୁଣ୍ଟର ଭାବେ କେନ୍ଦୁପଦର କଲେଜର ପୂଜାରାଣୀ ପ୍ରଧାନ ଓ ପିପୁଲ କଲେଜର ଅମର ନାୟକଙ୍କୁ ପୁରସ୍କାର ପ୍ରଦାନ ସହ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମଧ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଉକ୍ତ ଶିବିର ଅବସରରେ ରେଡକ୍ରସ୍‌ର ହିଷ୍ଟ୍ରି ଅଫ୍ ରେଡକ୍ରସ୍, ଡିଜାଷ୍ଟର୍ ମ୍ୟାନେଜମେଣ୍ଟ, ଫାଷ୍ଟ ଏଡ୍, ବ୍ଲଡ୍ ଡୋନେଶନ୍, ରୋଡ୍ ସେଫ୍ଟି, ଟବାକୋ ଫ୍ରି କ୍ୟାମ୍ପସ୍, ଲିଡରଶିପ୍ ଆଦି ବିଷୟରେ ଶିବିରାର୍ଥୀଙ୍କୁ ଶିକ୍ଷା ସହ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିବା ବେଳେ ଅନ୍ତିମ ଦିବସରେ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ଏକ ଜନ ସଚେତନତା ଶୋଭାଯାତ୍ରା ବୁଗୁଡ଼ାରେ ଅନୁଷ୍ଠିତ ହୋଇଥିଲା। ପିପୁଲ୍ସ କଲେଜ ୱାଇଆର୍‌ସି କାଉନସିଲର ଅଧ୍ୟାପକ ବିନୋଦ କୁମାର କର ଓ ଅଧ୍ୟାପିକା ସନ୍ଧ୍ୟାରାଣୀ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ବ୍ରହ୍ମପୁର ଶଶିଭୂଷଣ ରଥ ମହିଳା ମହାବିଦ୍ୟାଳୟ ଅଧ୍ୟାପକ ଦେବବ୍ରତ ସାହୁ, ୱାଇଆର୍‌ସି ଜିଲା ସଂଯୋଜକ ଦିଲୀପ କୁମାର ଆଚାର୍ଯ୍ୟ ଓ ପ୍ରାକ୍ତନ ସଂଯୋଜକ ବି.ଗୋବିନ୍ଦ ରାଓ, ପିପୁଲ୍ସ କଲେଜ ପିଇଟି କ୍ରିଷ୍ଣା ରାଓ ପାତ୍ର, କେନ୍ଦୁପଦର କଲେଜ ଅଧ୍ୟକ୍ଷ ହରି ଶଙ୍କର ପାଣ୍ଡେ, ନୟାଗଡ ଜିଲା ସଂଯୋଜକ ଆଦିତ୍ୟ ପ୍ରସାଦ ମିଶ୍ର, ଜଗନ୍ନାଥପ୍ରସାଦ ୱାଇଆର୍‌ସି କାଉନସିଲର ଲୋକନାଥ ମହାନ୍ତି, ପିପୁଲ୍ସ କଲେଜ ଅଧ୍ୟାପକ ଆତ୍ମପ୍ରକାଶ ନାୟକ ପ୍ରମୁଖ ଯୋଗ ଦେଇଥିଲେ।




ଗଞ୍ଜାମ ଜିଲା ସ୍ତରୀୟ ତ୍ରିଦିବସୀୟ ୟୁଥ୍ ରେଡ୍‌କ୍ରସ୍ ଶିବିର ଉପସ୍ଥିତ ଅତିଥି।

## ବିଦ୍ୟାଳୟସ୍ତରୀୟ ବିଜ୍ଞାନ, ଗଣିତ ପ୍ରକଳ୍ପ ପ୍ରଦର୍ଶନୀ

ଛତ୍ରପୁର,(ଦିଲ୍ଲୀପ ସାମଲ): ସ୍ଥାନୀୟ ଅନସ୍ଲୋ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ଓ ଗଣିତ ପ୍ରକଳ୍ପ ପ୍ରଦର୍ଶନୀ କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷୟତ୍ରୀ ସୁଚିତ୍ରା ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଛତ୍ରପୁର କେନ୍ଦ୍ରୀୟ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ରାଜେନ୍ଦ୍ର କୁମାର ପଣ୍ଡା, ଏଆଇଏଫର ଷ୍ଟେଟ ଲିଡ ସଞ୍ଜୟ କୁମାର ବିଶ୍ୱାଳ, ଏସଏମସି ର ଉପସଭାପତି ସୁମତି ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ। ଉକ୍ତ ପ୍ରକଳ୍ପ ପ୍ରଦର୍ଶନୀରେ ୭୦ରୁ ଅଧିକା ବିଦ୍ୟାର୍ଥୀ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିବା ବେଳେ ୧୦ ଜଣ ବିଦ୍ୟାର୍ଥୀଙ୍କୁ ଉଚ୍ଚକୋଟିର ପ୍ରକଳ୍ପ ପ୍ରଦର୍ଶନ ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସୁଶ୍ରୀ ପାଣିଗ୍ରାହୀ ଓ ସମସ୍ତ ବିଜ୍ଞାନ ଶିକ୍ଷକ/ଶିକ୍ଷୟତ୍ରୀଙ୍କ ଉପସ୍ଥିତିରେ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା।



## ସଂକ୍ଷେପରେ

### ୯ କୋଟିର ଗଞ୍ଜେଇ ଚାଷ ନଷ୍ଟ

ମୋହନା,୧୬।୧୧(ମନ୍ମଥ ମିଶ୍ର)

ମୋହନା ଥାନା ଯୁବ ପଞ୍ଚାୟତ ବମଗାଁ ନିକଟରେ ପୋଲିସ ଓ ଅବକାରୀ ବିଭାଗ ଚଢ଼ାଉ କରି ପ୍ରାୟ ୯ କୋଟି ଟଙ୍କାର ଗଞ୍ଜେଇ ଚାଷ ନଷ୍ଟ କରିଛି । ପ୍ରାୟ ୪୫ ଏକର ଜଙ୍ଗଲ ଜମିରେ ବେଆଇନ ଗଞ୍ଜେଇ ଚାଷ ହୋଇଥିବା ବେଳେ ଏହାକୁ କାଟି ପୋଡି ନଷ୍ଟ କରାଯାଇଛି। ଗତ ଏକ ମାସ ହେଲା ଗଜପତି ଏସପିଙ୍କ ନେତୃତ୍ୱରେ ଏହି ଅଭିଯାନ ଆରମ୍ଭ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ପ୍ରାୟ ମୋହନା, ଆର.ଉଦୟଗିରି ଓ ଅଡବା ଥାନା ଅଞ୍ଚଳରେ ଶହ ଶହ ଏକର ଗଞ୍ଜେଇ ଚାଷ ନଷ୍ଟ କରିଛି ପୋଲିସ ଓ ଅବକାରୀ ବିଭାଗ।

### ଇଂଲିଶ ବିଭାଗର ଆଲୋଚନାଚକ୍ର

ରମ୍ଭା,୧୬।୧୧(ବନବାସୀ ସେଠୀ)

ସ୍ଥାନୀୟ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟରେ ଇଂଲିଶ ବିଭାଗର ଯୋଗାଯୋଗ ମୂଳକ ଭାଷା ଇଂଲିଶ ଶୀର୍ଷକ ବିଷୟରେ ଏକ ଆଲୋଚନା ଚକ୍ର ଅଧକ୍ଷ ଅଭିମନ୍ୟୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବୁଗୁଡ଼ା ପିପୁଲସ କଲେଜ ଇଂଲିଶ ବିଭାଗର ବରିଷ୍ଠ ଅଧାପକ ଆମ୍ ପ୍ରକାଶ ନାୟକ ଯୋଗଦେଇ ଶତାଧିକ ଛାତ୍ରୀଛାତ୍ରଙ୍କୁ ଇଂଲିଶ ବିଷୟକୁ ନେଇଥିବା ଭୟକୁ ଅତି ସହଜରେ କିପରି ଦୂର ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥିଭାବେ ବିସିସି ବ୍ୟାଙ୍କ ନିର୍ଦ୍ଦେଶକ ଚନ୍ଦ୍ରଶେଖର ନାୟକ ଥିବାବେଳେ ଯୁକ୍ତ ୨ ଅଧକ୍ଷ ଡ଼ଃ ରଞ୍ଜନ କୁମାର ଦାଶ, ଅଧାପକ ବିପିନ କୁମାର ଦାଶ ମଞ୍ଚାସିନ ଥିଲେ। ସଭାରେ ଇଂଲିଶ ଅଧାପକ ବ୍ରଜମୋହନ ପଣ୍ଡା ଅତିଥି ପରିଚୟ ଦେଇଥିଲେ। ଅଧାପକ ଭାସ୍କର ଚନ୍ଦ୍ର ମୁଦୁଲି, ରଞ୍ଜିତ କୁମାର ପାଣିଗ୍ରାହୀ, ହେମନ୍ତ କୁମାର ଦାଶ, ନିରଞ୍ଜନ ମହାନ୍ତି, ଅଧାପିକା ଟି. ଅଲିଶା ଆଚାରୀ ଉପସ୍ଥିତ ଥିଲେ। ଅଧାପକ ଆମ୍ ପ୍ରକାଶ ନାୟକଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା।

### ଜାତୀୟ ପ୍ରେସ୍ ଦିବସ ପାଳିତ

ପୁରୁଷୋତ୍ତମପୁର,୧୬।୧୧(ସିମାଞ୍ଚଳ ମିଶ୍ର)

ପୁରୁଷୋତ୍ତମପୁର ପ୍ରେସକ୍ଲବ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ସରକାର ଖବରଦାତାଙ୍କୁ ଚିହ୍ନଟ କରିବା ସହ ତୁରନ୍ତ ସାମ୍ବାଦିକ ସୁରକ୍ଷା ଆଇନ ଆଣିବା ଲାଗି ଦାବି କରାଯାଇଥିଲା। ଏଥିରେ ସୁରେନ୍ଦ୍ର ମହାନ୍ତି, ସିମାଞ୍ଚଳ ମିଶ୍ର, ଲିଙ୍ଗରାଜ ଦାଶ, ଚିତରଞ୍ଜନ ସାହୁ, ଅଶୋକ କୁମାର ମହାକୁଡ, ଅନନ୍ତ ଦାଶ,ସୁଦାମ ମହାରଣା, ସୂର୍ଯ୍ୟନାରାୟଣ ପାଣିଗ୍ରାହୀ, ଭାସ୍କର ବେହେରା ଯୋଗଦେଇଥିଲେ।

**ପାତ୍ରପୁର(ଉମା ଚରଣ ନେପାକ)**

ପାତ୍ରପୁର ବ୍ଲକରେ ସୀମାନ୍ତ ସାମ୍ବାଦିକ ସଂଘ ତରଫରୁ ଭରତ ପତି ମହାବିଦ୍ୟାଳୟ ସାମନ୍ତିଆପଲ୍ଲୀଠାରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ସଂଘ ଉପ ସଭାପତି ସନ୍ତୋଷ ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ଜରଡ଼ା ଥାନା ଅଧିକାରୀ ଟୁନା ସାସମଲ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଆଇନଜୀବୀ ହର ପ୍ରସାଦ ରଥ ଏବଂ ସମ୍ମାନିତ ଅତିଥି ଭାବେ ଅଧକ୍ଷ ମାନସ ରଞ୍ଜନ ଆଚାର୍ଯ୍ୟ ଓ କ୍ଷୀରସିନ୍ଧୁ ମହାନ୍ତି ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମରେ ଉମା ଚରଣ ନେପାକ, ବଦ୍ରୀନାଥ ରଣା, ସୁରେଶ ପଟ୍ଟନାୟକ, ଗୌରାଙ୍ଗ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

**ଆସିକା (ସୁରେନ୍ଦ୍ର ନାଥ ସାହୁ)**

ଆସିକା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଓଜେୟୁ ଓ ଆସିକା ସାମ୍ବାଦିକ ସଂଘ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟିକା ମଞ୍ଜୁଳା ସ୍ୱାଇଁ, ଓକିଲ ସଂଘ ପୂର୍ବତନ ସଭାପତି ସୁରେନ୍ଦ୍ର ନାଥ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ସେହିପରି ସ୍ଥାନୀୟ ଅଶୋକ କନଫେରେନ୍ସ ହଲରେ ଆସିକା ପ୍ରେସ କ୍ଲବ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟିକା ସ୍ୱାଇଁ, ଓକିଲ ସଂଘ ସଭାପତି ରବିନ୍ଦ୍ରନାଥ ଶର୍ମା, ବ୍ଲକ ଅଧକ୍ଷା ତ୍ରିବେଣୀ ନାହାକ, ଏନଏସି ଅଧକ୍ଷା ବିନେତା ସ୍ୱାଇଁ, ଅଣଗେଜେଟେଡ କର୍ମଚାରୀ ସଂଘର ପୂର୍ବତନ ରାଜ୍ୟ ସଂପାଦକ ପ୍ରସନ୍ନ କୁମାର ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

**ବୁଗୁଡ଼ା (କାଳି ଚରଣ ଦାଶ)**

ସ୍ଥାନୀୟ ସାମ୍ବାଦିକ ଭବନ ପରିସରରେ ମିଡିଆ କ୍ଲବ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ମିଡିଆ କ୍ଲବ ଉପଦେଷ୍ଟା କାଳୀ ଚରଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲା ଉତ୍କଳ ସାମ୍ବାଦିକ ସଂଘ ସଭାପତି ଅନିଲ ପଟ୍ଟନାୟକ, ମିଡିଆ କ୍ଲବ ସମ୍ପାଦକ ପ୍ରଫୁଲ୍ଲ କୁମାର ପଟ୍ଟନାୟକ, କୋଷାଧକ୍ଷ ବିଶ୍ୱମୋହନ ମିଶ୍ର, ଅଭୟ ପ୍ରସାଦ ପାଣିଗ୍ରାହୀ ଓ ଏସ୍.ଶିବ ପ୍ରସାଦ ଦୋରା, ପ୍ରକାଶ ମହାରଥା ଓ ପୂର୍ଣ୍ଣଚନ୍ଦ୍ର ବାରିକ ଯୋଗ ଦେଇଥିଲେ। ସହ ସମ୍ପାଦକ ହର ପ୍ରସାଦ ପାଢୀ ଧନ୍ୟବାଦ ଦେଇଥିଲେ।

# ଏଆଇ ଖବରଦାତାଙ୍କ ଭୂମିକା ତୁଲାଇପାରିବନି

ପାରଳାଖେମୁଣ୍ଡି/କାଶୀନଗର,୧୬।୧୧ (ଗିରିଧାରୀ ପରିଚ୍ଛା/ଟି. କ୍ରିଷ୍ଣା ରାଓ):



ଜିଲାପାଳ ଉଦ୍‌ବୋଧନ ଦେଉଛନ୍ତି ।

ପାରଳାଖେମୁଣ୍ଡି ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଗଜପତି ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଯୋଗଦେଇ ଖବରଦାତାମାନେ ଜିଲାର ଅପହଞ୍ଚ ଅଞ୍ଚଳର ଗାଁଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ବିଭିନ୍ନ ଖବର ସଂଗ୍ରହ କରି ପ୍ରସାରପ୍ରଚାର କରି ସମସ୍ତ କ୍ଷେତ୍ରରେ ଆଗକୁ ନେବାରେ ସଫଳ କରୁଛନ୍ତି। ଯେଉଁଭଳି ଭାବରେ ଖରା, ବର୍ଷା ଓ ଶୀତକୁ ଖାତିର ନକରି କର୍ତ୍ତବ୍ୟ ନିଷ୍ଠା ସହିତ ଲୋକଙ୍କୁ ସଚେତନତାର ବାର୍ତ୍ତା ପହଞ୍ଚାଇଥିବା ସମସ୍ତ ଗଣମାଧ୍ୟମଙ୍କୁ ପ୍ରଶଂସା କରିଥିଲେ। ଏହି ଉପଲକ୍ଷେ 'କୃତ୍ରିମ ବୁଦ୍ଧିମତା ଯୁଗରେ ଗଣମାଧ୍ୟମ' ଶୀର୍ଷକ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ଡ଼.ଗୁଣନିଧି ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ କହିଥିଲେ, ଗଣମାଧ୍ୟମ ପ୍ରତିନିଧିଙ୍କ ଖବର ସଂଗ୍ରହ ସମୟରେ ମୁଖ୍ୟ ଭୂମିକା ଓ କର୍ତ୍ତବ୍ୟ ସମ୍ପର୍କରେ ବିଷୟରେ ଆଲୋଚନା କରିଥିଲେ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) କେବେ ବି ଖବରଦାତାଙ୍କ ଭୂମିକା ତୁଲାଇ ପାରିବ ନାହିଁ ବୋଲି ମତପ୍ରକାଶ ପାଇଥିଲା। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଖବରଦାତା ଗରୁଡ଼ଧ୍ୱଜ ଚୌଧୁରୀ ଯୋଗ ଦେଇଥିବା ବେଳେ ବରିଷ୍ଠ ଖବରଦାତା ଦିଜେନ୍ଦ୍ର ନାଥ ପାଢ଼ୀ ସଭା ପରିଚାଳନା କରିଥିଲେ। ଏହି ଅବସରରେ କାଶୀନଗରର ଖବରଦାତା ସ୍ୱର୍ଗତ ସତ୍ୟନାରାୟଣ ଚୌଧୁରୀଙ୍କ ସ୍ତ୍ରୀ କଳ୍ପନା ଚୌଧୁରୀଙ୍କୁ' ସରକାରଙ୍କ ତରଫରୁ ୪ଲକ୍ଷ ଟଙ୍କା ସହାୟତା ରାଶି ଜିଲାପାଳ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାଇ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ନରସିଂହ ବ୍ରଜବାନ୍ଧୁ ସହଯୋଗ କରିଥିଲେ। ସେହିପରି କାଶୀନଗର ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ କାଶୀନଗର ପ୍ରେସ କ୍ଲବ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ ହୋଇଛି। ବରିଷ୍ଠ ଖବରଦାତା ତଥା ଦକ୍ଷିଣ ଓଡିଶା ସାହିତ୍ୟ ସମ୍ମିଳନୀର ରାଜ୍ୟ ସଭାପତି ପ୍ରଶାନ୍ତ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ସମାବେଶରେ ପଞ୍ଚାୟତ ସମିତି ଅଧକ୍ଷା ବାଲ୍ଲା ସାୟାମ୍ମା, ବିଡିଓ ଅନୁପ କୁମାର ପଣ୍ଡା, ତହସିଲଦାର ଅଶୋକ କୁମାର ପ୍ରଧାନ, ଏନଏସି ଉପାଧକ୍ଷ ରଘୁରାମ ସାହୁ, ପୋଲିସ ଏସଆଇ ମମତା ପଣ୍ଡା ପ୍ରମୁଖ ଯୋଗଦେଇ ଗଣତନ୍ତ୍ରରେ ଗଣମାଧ୍ୟମର ଭୂମିକା ପ୍ରସଙ୍ଗରେ ବକ୍ତବ୍ୟ ରଖିଥିଲେ। ପ୍ରେସ କ୍ଲବ ସଭାପତି ଆନନ୍ଦ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ରାଜେଶ ମିସାଲ ପ୍ରାରମ୍ଭିକ ଅଭିଭାଷଣ ଦେଇଥିଲେ। ବରିଷ୍ଠ ନାଗରିକ ସୁବାସ ବିଶ୍ୱାସରାୟ, ପ୍ରେସ କ୍ଲବ ସଦସ୍ୟ ସୀମାଞ୍ଚଳ ମହାରଣା, ଖବରଦାତା ମନୋଜ ଚୌଧୁରୀ, ପି. ମୂରଲୀ, ଅନୁ ପାତ୍ର, ଟି. କ୍ରୀଷ୍ଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ପ୍ରେସ କ୍ଲବ ପାଇଁ ଜାଗା ଦେବାକୁ ତହସିଲଦାରଙ୍କୁ ଅନୁରୋଧ କରାଯାଇଥିଲା।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବିଜ୍ଞାନମେଳା

ଜି.ଉଦୟଗିରି,୧୬।୧୧(ଶିଶିର ପଟ୍ଟନାୟକ)

ଜି.ଉଦୟଗିରିସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ଓ ଗୁରୁକୁଳ ଇଣ୍ଟର ନ୍ୟାଶନାଲ ପବ୍ଲିକ ସ୍କୁଲଠାରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ପ୍ରଦର୍ଶନ କରିଥିବା ପ୍ରକଳ୍ପଗୁଡିକ ମଧ୍ୟରୁ ୧୫ଟି ପ୍ରକଳ୍ପ ରାଜ୍ୟସ୍ତରୀୟ ବିଜ୍ଞାନ ମେଳାକୁ ମନୋନୀତ ହୋଇଛି। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀ ବିଜ୍ଞାନ ମେଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭ ଉଦ୍‌ଘାଟନ କରିଥିଲେ। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଧିକାରୀ ଅନିଲ କୁମାର ମଲିକ, ଅନୁଷ୍ଠାନର ସମ୍ପାଦକ ଅରୁଣ କୁମାର ଷଡ଼ଙ୍ଗୀ ପ୍ରମୁଖ ବିଜ୍ଞାନ ପ୍ରକଳ୍ପ ପରିଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଛାତ୍ରୀଛାତ୍ର ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ।

## ଭାଜପାରେ ଯୋଗଦେଲେ ୨ ବିଜେଡି ନେତା



ପାରଳାଖେମୁଣ୍ଡି,୧୬।୧୧(ଗିରିଧାରୀ ପରିଚ୍ଛା):

ପ୍ରଧାନମନ୍ତ୍ରୀଙ୍କ ଗଠନମୂଳକ କାର୍ଯ୍ୟ ଓ ପାରଳା ବିଧାୟକଙ୍କ ନେତୃତ୍ୱରେ ଆକୃଷ୍ଟ ହୋଇ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀ ଗୋଷାଣୀ ବ୍ଲକର ୨ ବିଜେଡି ନେତା ଭାଜପାରେ ସାମିଲ ହୋଇଛନ୍ତି। ସେମାନେ ହେଲେ କେରାଣ୍ଡି ପଞ୍ଚାୟତର ପୂର୍ବତନ ସରପଞ୍ଚ ଗୌରାଙ୍ଗ ପ୍ରଧାନ ଓ ମାଛମରା ପଞ୍ଚାୟତର ଦିଲୀପ ପ୍ରଧାନ। ଗୌରାଙ୍ଗ ପୂର୍ବରୁ ସାଧାରଣ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ତିରୁପତି ପାଣିଗ୍ରାହୀଙ୍କ ଜଣେ ଦୃଢ଼ ସମର୍ଥକ ଭାବେ ବ୍ଲକରେ ଜଣାଶୁଣା ଥିଲେ। ଗତ ପଞ୍ଚାୟତ ନିର୍ବାଚନରେ ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥୀ ଥିଲେ। ସେହିପରି ରାଜୁପୁର ଗ୍ରାମ ଦିଲୀପ ପ୍ରଧାନ ମାଛମରା ପଞ୍ଚାୟତର ଜଣେ ବିଜେଡି ନେତା ଭାବେ ଦୀର୍ଘ ଦିନ ହେଲା କାମ କରୁଥିଲେ। ଉଭୟଙ୍କ ଯୋଗଦାନ ଗୋଷାଣୀ ବ୍ଲକରେ ଶକ୍ତି ବୃଦ୍ଧିରେ ସାହାଯ୍ୟ ହେବ ବୋଲି ବିଧାୟକ କେ. ନାରାୟଣ ରାଓ କହିଛନ୍ତି। କାର୍ଯ୍ୟକ୍ରମରେ କେରାଣ୍ଡିର ପୂର୍ବତନ ସରପଞ୍ଚ ମହେନ୍ଦ୍ର ବରାଡ, ଓବିସି ମୋର୍ଚ୍ଚା ସଭାପତି ଜଗନ୍ନାଥ ପରିଡ଼ା, ମଣ୍ଡଳ ସଭାପତି ଶ୍ରୀଧର ନାଇଡୁ ଉପସ୍ଥିତ ଥିଲେ।

## ମରୁଡି ପରିସ୍ଥିତି ଦେଖିଲେ ପିସିସି କିଷାନ କଂଗ୍ରେସର ଟିମ୍

ଛତ୍ରପୁର/ସୋରଡ଼ା,୧୬।୧୧(ଦିଲ୍ଲୀପ ସାମଲ/ଲମ୍ବୋଦର ପାଣିଗ୍ରାହୀ):

ନିଅଣ୍ଟିଆ ବର୍ଷା ଯୋଗୁଁ ଚାଷୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ମରୁଡି ପରିସ୍ଥିତି ଉପୁଜିଛି । ଚାଷୀ ନିଜ ଫସଲ ଚିନ୍ତାରେ ମୁଣ୍ଡରେ ହାତଦେଇ ବସିଛି । ଏହି ପରିପ୍ରେକ୍ଷୀରେ ପିସିସି କିଷାନ କଂଗ୍ରେସ ଅଧକ୍ଷ ଅମୀୟ କୁମାର ପଟ୍ଟନାୟକଙ୍କ ନେତୃତ୍ୱ ଏକ ୭ଜଣିଆ ପ୍ରତିନିଧି ଦଳ ବିଭିନ୍ନ ବ୍ଲକ ଅଞ୍ଚଳ ବୁଲି ଉପୁଜିଥିବା ମରୁଡି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି । ଗୁରୁବାର ସନ୍ଧ୍ୟାରେ ଛତ୍ରପୁର ଆସି ଏ ସମ୍ବନ୍ଧରେ ପ୍ରଶାସନିକ ଅଧିକାରୀ, କୃଷି ଓ ଅନ୍ୟାନ୍ୟ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି । ମରୁଡି ଉପୁଜିଥିବା ଅଞ୍ଚଳ ଗୁଡିକୁ ତୁରନ୍ତ ମରୁଡି ଘୋଷଣା କରିବା ସହିତ ଫସଲ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଏକର ପିଛା ୨୫ହଜାର ଟଙ୍କା ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉ, ଜିଲାରେ ଜଳସେଚନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଉ ଓ କୃଷି ଋଣ ଛାଡ କରିବା ନିମନ୍ତେ ପିସିସି କିଷାନ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏହି ଆଲୋଚନା ବେଳେ କିଷାନ କଂଗ୍ରେସର ଜିଲା ସଭାପତି ଶ୍ୟାମସୁନ୍ଦର ଦୋରା, ଉପସଭାପତି ବୃନ୍ଦାବନ ଖଟେଇ, ସାଇ ପ୍ରସାଦ ପାତ୍ରଙ୍କ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

ସେହିପରି ସୋରଡ଼ା ବ୍ଲକର ଗୋଛା, ଅସୁରବନ୍ଧ, ଭଗବାନପୁର ପଞ୍ଚାୟତରେ ମରୁଡି ସମସ୍ୟାର ସମୀକ୍ଷା କରି କ୍ଷତିଗ୍ରସ୍ତ ଚାଷୀଙ୍କ ସହ ଆଲୋଚନା କରିଛନ୍ତି ରାଜ୍ୟ କଂଗ୍ରେସ କୃଷକ ସେଲ ସଭାପତି ଅମିୟ ପଟନାୟକ। କନ୍ଧମାଳ ଜିଲାର ବିଭିନ୍ନ ଅଞ୍ଚଳ ଗ୍ରସ୍ତ କରି ବୁଧବାର ସନ୍ଧ୍ୟାରେ ଏଠାରେ ପହଞ୍ଚି ଧାନ ଚାଷ ଅଞ୍ଚଳ ବୁଲିବା ସହ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଏକରକୁ ୨୫୦୦୦ ଋଣ ଛାଡ, ଜଳସେଚନ ପାଇଁ ଲିଫ୍ଟ ଇରିଗେସନ, ବୀମା ଜରିଆରେ ରିଲିଆନ୍ସକୁ କହି ଚାଷୀଙ୍କୁ ଟଙ୍କା ଦେବା ପାଇଁ ଦାବି କରାଯାଇଥିବା କହିଥିଲେ। ତାଙ୍କର ଏହି ଗ୍ରସ୍ତ ସମୟରେ ବ୍ଲକ ସଭାପତି ଶ୍ରୀ ରଥ, ବରିଷ୍ଠ ନେତା ଦେବୀ ପ୍ରସାଦ ବିଶୋଇ ସମେତ ବହୁ ସମର୍ଥକ ଯୋଗଦେଇଥିଲେ।

## ସୁନେତ୍ର କାର୍ଯ୍ୟକ୍ରମ

ଆର.ଉଦୟଗିରି,୧୬।୧୧(ମନୋଜ କୁମାର ପାଢୀ)

ଆର.ଉଦୟଗିରି ଗୋଷ୍ଠୀ ଶିକ୍ଷାଧିକାରୀ ତଥା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମିଳିତ ତତ୍ତ୍ୱାବଧାନରେ ୩ଦିନ ଧରି ସୁନେତ୍ର କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ନେତ୍ରପରୀକ୍ଷା କରାଯାଇଥିଲା। ଆଶୁ ସମାଧାନ ପୂର୍ବକ ଚଷମା ପ୍ରଦାନ ଲକ୍ଷ୍ୟ ନେଇ ଉକ୍ତ କାର୍ଯ୍ୟକ୍ରମ ପ୍ରଥମ ଦିବସରେ ଛେଳିଗଡ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଗୋଷ୍ଠୀ ଶିକ୍ଷାଧିକାରୀ ବିରେନ୍ଦ୍ର ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଯୁଧିଷ୍ଠିର ବେହେରା, ଗୋଷ୍ଠୀ ଶିକ୍ଷାଧିକାରୀଣି ଡ. ନିବେଦିତା ପଣ୍ଡାଙ୍କ କରକମଳରେ ଉଦଘାଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆର.ଉଦୟଗିରି ଗୋଷ୍ଠୀକେନ୍ଦ୍ରର ଦେବରାଜ ଜେନା ଓ ରୁବି ହସ୍ପିଟାଲ ବ୍ରହ୍ମପୁରର ଭିକ୍ଷୁ ବେହେରା, ଜ୍ୟୋତିରଞ୍ଜନ ନାୟକ ଚକ୍ଷୁ ସହାୟକ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୃନ୍ଦାବନ ମହାକୁଡ, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ତଥା ସମସ୍ତ ସିଆରସି ସହଯୋଗ କରିଥିଲେ। କାର୍ଯ୍ୟକ୍ରମକୁ ଗୋଷ୍ଠୀ ସମ୍ବଳ ଶିକ୍ଷକ ବିରଞ୍ଚି ନାରାୟଣ ଦାଶ ପରିଚାଳନା କରିଥିଲେ। ସୁରେଶ କୁମାର ଲିମ୍ମା, ଅଭୟ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ। ଛେଳିଗଡ, ମହେନ୍ଦ୍ରଗଡ, ଛେଳାଗଡ, ଶିଆଳିଲିଟି, ପୁରୁଣାପାଣି କ୍ଲଷ୍ଟରର ସମସ୍ତ ବିଦ୍ୟାଳୟରୁ ୧୩୦ ଜଣ ଛାତ୍ର ଓ ୧୩୦ ଜଣ ଛାତ୍ରୀ ଯୋଗଦେଇ ଚକ୍ଷୁ ପରୀକ୍ଷା କରିଥିଲେ।

## ଯୁବ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ପାଇଁ ବିଜେଡିର ବୈଠକ

ଶେରଗଡ,୧୬।୧୧(ସୂର୍ଯ୍ୟନାରାୟଣ ଦାଶ):

ଗ୍ରାମାଞ୍ଚଳରେ ଯୁବ କ୍ରିଡା ପ୍ରତିଯୋଗିତା ନେଇ ବିଜେଡି ପକ୍ଷରୁ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ୧୮ରୁ ୩୫ ବର୍ଷ ଯୁବବର୍ଗମାନେ ଭାଗ ନେବେ। ଶେରଗଡ ବ୍ଲକର ୨୨ ପଞ୍ଚାୟତର ଯୁବ ବର୍ଗ ଭାଗ ନେବେ। ଯୁବକଙ୍କ ମଧ୍ୟରେ କ୍ରିକେଟ, ହକି, ଫୁଟବଲ, ଭଲିବଲ,ଖୋଖ, କବାଡି ପ୍ରତିଯୋଗିତା ଆୟୋଜନ କରାଯାଇ ସେମାନଙ୍କୁ ସାମିଲ କରାଯିବ। ଏଥିନିମନ୍ତେ ପ୍ରତ୍ୟେକ ଯୁବବର୍ଗଙ୍କ ଅନଲାଇନ ପଞ୍ଜିକରଣ କରିବାକୁ ପଡିବ। ନଭେମ୍ବର ୨୧ରୁ ପଞ୍ଜିକରଣ ଆରମ୍ଭ ହେବ। ସରପଞ୍ଚ ଓ ସମିତିସଭ୍ୟମାନେ ଏ ଦିଗରେ ସଚେତନ କରିବେ। ଗ୍ରାମାଞ୍ଚଳରୁ ଯୁବ ପ୍ରତିଭା ଚୟନ କରିବା ସେମାନଙ୍କୁ ରାଜ୍ୟ ତଥା ଦେଶସ୍ତରରେ ଛିଡା କରିବା ସରକାରଙ୍କ ଲକ୍ଷ୍ୟ ବୋଲି ନେତାମାନେ କହିଥିଲେ। ବ୍ଲକ ବିଜେଡି ସଭାପତି ଶରତଚନ୍ଦ୍ର ପାତ୍ର ବୈଠକରେ ଅଧକ୍ଷତା କରିଥିଲେ। ଯୁବ ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ବିପ୍ଳବ ସେଠୀ ସଂଯୋଜନା କରିଥିଲେ। ଅତିଥି ଭାବେ ଗଞ୍ଜାମ ଜିଲା ଛାତ୍ର ବିଜେଡି ସଭାପତି ପ୍ରଶାନ୍ତ କୁମାର ପଣ୍ଡା ଯୋଗଦେଇ ଅଧିକରୁ ଅଧିକ ଯେପରି ଯୁବବର୍ଗ କ୍ରିଡ଼ାରେ ସାମିଲ ହେବେ ସେ ଦିଗରେ ଦୃଷ୍ଟି ଦେଇ ପଞ୍ଜିକରଣ ପ୍ରକ୍ରିୟାକୁ ଜୋରଦାର କରିବାକୁ କହିଥିଲେ। ଉକ୍ତ ବୈଠକରେ ଦିଗାମ୍ବର ନାୟକ, ପ୍ରମୋଦ କୁମାର ପାତ୍ର, ତାକରଡା ସରପଞ୍ଚ ରାଜେନ୍ଦ୍ର ସେଠୀ, ବରୁଣ ପଲେଇ, କାହ୍ନୁଚରଣ ପଟ୍ଟନାୟକ, ମହୁପଦର ସରପଞ୍ଚ ଟୁକୁନା ଦାସ ପ୍ରମୁଖ ଯୋଗଦେଇ ଥିଲେ।

## ଗଣ ଯୋଗାଯୋଗ ବିଭାଗ ପକ୍ଷରୁ ପ୍ରେସ୍ ଦିବସ ପାଳିତ

ଭଞ୍ଜନଗର,୧୬।୧୧(ବାବୁଲା ପ୍ରଧାନ):



କେଏସୟୁବି କଲେଜରେ ଅନୁଷ୍ଠିତ ଉତ୍ସବରେ ଉପସ୍ଥିତ ଅତିଥି।

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ସାମ୍ବାଦିକତା ଏବଂ ଗଣଯୋଗାଯୋଗ ବିଭାଗ ପକ୍ଷରୁ ଗୁରୁବାର ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। କଲେଜ ଅଧକ୍ଷ ରାଜେନ୍ଦ୍ର ଦାସ ଅଧକ୍ଷତା କରି ଜାତୀୟ ପ୍ରେସ ଦିବସର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଛାତ୍ରୀ ପୂଜାରାଣୀ ପାତ୍ର ପ୍ରେସ ଦିବସର ଇତିହାସ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ବିଭାଗୀୟ ମୁଖ୍ୟ ଅଧାପକ ବି.କେ ପ୍ରଧାନ ବିବରଣୀ ପ୍ରଦାନ କରିଥିଲେ।
ପ୍ରଶାସନିକ ଅଧିକାରିଣୀ ପ୍ରାଧାପିକା ଆରତୀବାଳା ପ୍ରଧାନ, ବିତ୍ତ ଅଧିକାରୀ ଅଧାପକ ସୁନୀଲ ଦାସ, ହରିଶ ଭଞ୍ଜ, ଏନସିସି ନାଭାଲ ଅଫିସର ଲେଫ୍ଟନାଣ୍ଟ ରଜନୀକାନ୍ତ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧାପକ ହରିଶ କୁମାର ଧନ୍ୟବାଦ ପ୍ରଦାନ କରିଥିଲେ। ସେହିଭଳି ସ୍ଥାନୀୟ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ଏକ ସଭା ହୋଇଥିଲା। ସଭାପତି ଅମରେନ୍ଦ୍ର ପଟ୍ଟନାୟକ ବୈଠକରେ ଅଧକ୍ଷତା କରିଥିଲେ। ଅତିଥି ଭାବେ ଉପଜିଲାପାଳ ଅନିଲ କୁମାର ସେଠୀ, ଏନଏସି ଅଧକ୍ଷ ଗୋପବନ୍ଧୁ ମହାପାତ୍ର ପ୍ରମୁଖ ଯୋଗଦେଇ ବିଭିନ୍ନ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଭଞ୍ଜନଗର ପ୍ରେସ କ୍ଲବ ପକ୍ଷରୁ ସଭାପତି ଲୋକନାଥ କରଙ୍କ ଅଧକ୍ଷତାରେ ସଭା ହୋଇଥିଲା। ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧାପକ କୃତିବାସ ବିଶାଳ, ବାର ଆସୋସିଏସନ ସଭାପତି ଅଭିମନ୍ୟୁ ଗୌଡ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ସତପଥୀ, ଆଇନଜୀବୀ ରାଜେନ୍ଦ୍ର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## ଖଲ୍ଲିକୋଟ ତହସିଲରେ ସବ-କଲେକ୍ଟରଙ୍କ ସାଲତମାମି କାର୍ଯ୍ୟକ୍ରମ

ଖଲ୍ଲିକୋଟ,୧୬।୧୧(ପ୍ରଶାନ୍ତ କୁମାର ମିଶ୍ର): ଖଲ୍ଲିକୋଟ ତହସିଲରେ ଗୁରୁବାର ଛତ୍ରପୁର ସବ କଲେକ୍ଟର ଦେବଦତ୍ତ ମହନ୍ତ ଉପସ୍ଥିତ ରହି ସାଲତମାମି କାର୍ଯ୍ୟକ୍ରମ କରିଥିଲେ। ଏଠାରେ ତହସିଲଦାର କୁମାର ରଥ, ଅତିରିକ୍ତ ତହସିଲଦାର, ୧୩ ଟି ସର୍କଲର ସମସ୍ତ ରାଜସ୍ୱ ଅଧିକାରୀ ଏବଂ ତହସିଲ କର୍ମଚାରୀ ଉପସ୍ଥିତ ଥିଲେ।

## ଆଇଆରଇଏଲ୍ ଇଣ୍ଡିଆର ପ୍ରୋଟିନ ଖାଦ୍ୟ ବଣ୍ଟନ

ଗଞ୍ଜାମ,୧୬।୧୧(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ୍ ଖଣ୍ଡିଦେଉଳି ମେଡିକାଲରେ ଆଇଆରଇଏଲ ଇଣ୍ଡିଆ ଲିମିଟେଡ (ଛତ୍ରପୁର) ତରଫରୁ ଗଞ୍ଜାମ ଓ ଖଲ୍ଲିକୋଟ ମେଡିକାଲରେ ଟିବି ରୋଗୀ ମାନଙ୍କୁ ପ୍ରୋଟିନ ଜାତୀୟ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ଏଥିରେ ଗଞ୍ଜାମ ବ୍ଲକର ୪୦ ଜଣ ଟିବି ରୋଗୀ ଓ ଖଲ୍ଲିକୋଟ ବ୍ଲକ୍ର ୭୦ ଜଣ ଟିବି ରୋଗୀଙ୍କୁ ୩ ମାସ ନିମନ୍ତେ ପ୍ରୋଟିନ ଜାତୀୟ ଖାଦ୍ୟ ସାମଗ୍ରୀ ଦିଆଯାଇଥିଲା। ଏଥିରେ ଡାଲି, ଚିନାବାଦାମ, ଗୁଡ, ତେଲ,ସୋୟାବିନ ବଡି ଏବଂ ଅମୂଲ ସ୍ପ୍ରେ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦୁଇଟି ମେଡିକାଲର ସୁପରିଣ୍ଟେଣ୍ଡାଣ୍ଟ ଏବଂ ଆଇଆରଇଏଲର ସିଏସଆର୍ ମେନେଜର ଦୀପକ ମିଶ୍ର ଯୋଗଦେଇ ଏହି ଟିବି ରୋଗୀମାନଙ୍କୁ ଖାଦ୍ୟ ସାମଗ୍ରୀ ବଣ୍ଟନ କାର୍ଯ୍ୟରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଖଣ୍ଡିଦେଉଳି ମେଡିକାଲ ଇନ୍‌ଚାର୍ଜ ସୋମ୍ୟକାନ୍ତ ମହାପାତ୍ର ରୋଗୀମାନଙ୍କୁ ପ୍ରୋଟିନ ଜାତୀୟ ଖାଦ୍ୟକୁ କିପରି ବ୍ୟବହାର କରିବେ ତାହା ବୁଝାଇଥିଲେ। କାର୍ଯ୍ୟକ୍ରମରେ ମେଡିକାଲର ସମସ୍ତ କର୍ମୀ ସହଯୋଗ କରିଥିଲେ।

# ଭାଜପା ପକ୍ଷରୁ ବ୍ଲକ ଘେରାଉ

ହିଞ୍ଜିଳିକାଟୁ/ସୋରଡ଼ା/ବୁଗୁଡ଼ା/ଗୁମ୍ମା/୧୬।୧୧, (ଦ୍ୱିତୀକୃଷ୍ଣ ପଣ୍ଡା/ଲମ୍ବୋଦର ପାଣିଗ୍ରାହୀ/କାଳିପ୍ରସାଦ ଦାଶ/ପ୍ରବୀଣ କୁମାର ଲିମା):

ବିଭିନ୍ନ ସମସ୍ୟା ଓ ଦୁର୍ନୀତି ପ୍ରତିବାଦରେ ଗୁରୁବାର ଭାରତୀୟ ଜନତା ପାର୍ଟି ପକ୍ଷରୁ ହିଞ୍ଜିଳିକାଟୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଘେରାଉ କରାଯାଇଛି। ପୂର୍ତ୍ତବିଭାଗ ଡାକବଙ୍ଗଳାଠାରୁ ଏକ ଶୋଭାଯାତ୍ରାରେ ଦଳୀୟ କାର୍ଯ୍ୟକର୍ତ୍ତା ଓ କର୍ମୀ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଭାଜପା ନେତା ଶିଶିର ମିଶ୍ର, ମଣ୍ଡଳ ସଭାପତି ସନ୍ତୋଷ ପାଣିଗ୍ରାହୀ ପ୍ରମୁଖ ପଞ୍ଚାୟତରେ ହେଉଥିବା ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ଅଭିଯୋଗ କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ତାଲିକାରେ ପ୍ରକୃତ ଗରିବଙ୍କ ବଦଳରେ ଶାସକ ଦଳର କର୍ମୀ ହଡ଼ପ କରୁଥିବା ଅଭିଯୋଗ କରିଛନ୍ତି। ବିଧବା, ଭିନ୍ନକ୍ଷମମାନଙ୍କୁ ଭତ୍ତା ପ୍ରଦାନ କରିବା ଦିଗରେ ପାତରଅନ୍ତର କରାଯାଉଛି। ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ବ୍ୟାପକ ଦୁର୍ନୀତି ହେଉଛି। ଟାଟା ପାୱାର କମ୍ପାନୀ ବିଦ୍ୟୁତ ଗ୍ରାହକମାନଙ୍କୁ ଶୋଷଣ ଓ ଭୟଭୀତ କରି ମନଇଚ୍ଛା ଲୁଟ କରୁଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନ କରିବା ପରେ ସୁଧ ଆକାରରେ ଶୋଷଣ, ଯୁବକମାନଙ୍କୁ ନିଯୁକ୍ତି କରିବାରେ ରାଜ୍ୟ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଥିଲେ। ଏହି ବିକ୍ଷୋଭରେ ଶତାଧିକ କର୍ମୀ ଯୋଗ ଦେଇଥିଲେ।

ସେହିପରି ସୋରଡ଼ା ଭାଜପା ପକ୍ଷରୁ ବିଶାଳ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବରିଷ୍ଠ ନେତା ନୀଳମଣି ବିଶୋଇଙ୍କ ନେତୃତ୍ୱରେ କର୍ମୀ, ସମର୍ଥକମାନେ ରଷିକୁଲ୍ୟା ଛକରୁ ଶୋଭାଯାତ୍ରାରେ ବାହାରି ଆଡପମଣ୍ଡପ, ବଡଦାଣ୍ଡ, ଦୈନିକ ମାର୍କେଟ, ଗଣିଛକ, ବସଷ୍ଟାଣ୍ଡ, କଚେରୀ ରାସ୍ତା ଦେଇ ବ୍ଲକ ଅଫିସ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିଥିଲେ। ମଣ୍ଡଳ ସଭାପତି ଶିବ ଦିଗାଲ, ରାଧାମୋହନ ସ୍ୱାଇଁ, ବୁଲୁ ସ୍ୱାଇଁ, ଜୟରାମ ପାତ୍ର, ବନମାଳୀ ସ୍ୱାଇଁ, ଜାନକୀ ପଟନାୟକ ପ୍ରମୁଖ ପରିଚାଳନା କରିଥିଲେ।

ବୁଗୁଡା ଭାଜପା ପକ୍ଷରୁ ବ୍ଲକ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲା ସଭାପତି ଗୋକୁଳାନନ୍ଦ ମଲିକଙ୍କ ନେତୃତ୍ୱରେ ବଳଦେବ ସ୍ୱାମୀଙ୍କ ମନ୍ଦିରରୁ ଏକ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟଠାରେ ପହଞ୍ଚି ଥିଲା। ବିଭିନ୍ନ ଦାବି ସମ୍ବଳିତ ଏକ ପତ୍ର ବିଡିଓ ସନ୍ତୋଷ କୁମାର ଜେନାଙ୍କୁ ପ୍ରଦାନ କରାଯାଇଥିଲା। ଉକ୍ତ ଘେରାଉ କାର୍ଯ୍ୟକ୍ରମରେ ଜିଲା ଉପସଭାପତି ପ୍ରଭାକର ପଣ୍ଡା, ଅଯୋଧ୍ୟା ମହାପାତ୍ର, ବିନାୟକ ତ୍ରିପାଠୀ, ସଂଯୋଜକ ହରିକୃଷ୍ଣ ସାହୁ, ଜିଲା ମହିଳା ମୋର୍ଚ୍ଚା ସଭାପତି ମିରାବାଇ ଦେଓ, ଜିଲା ଯୁବ ମୋର୍ଚ୍ଚା ସଭାପତି ଦୀପକ କୁମାର ପ୍ରଧାନ, ଉପସଭାପତି କେଦାର ମହାରଣା, ସାଧାରଣ ସମ୍ପାଦକ କୃଷ୍ଣ ଚନ୍ଦ୍ର ମହାପାତ୍ର, ହର ପ୍ରସାଦ ଦାସ, ଗଙ୍ଗାଧର ନାୟକ ପ୍ରମୁଖ ସାମିଲ ଥିଲେ।

ସେହିପରି ଗଜପତି ଜିଲା ଗୁମ୍ମାରେ ଭାଜପା ପକ୍ଷରୁ ବ୍ଲକ ଘେରାଉ କାରାଯାଇଛି। ବ୍ଲକ ସଭାପତି କୃଷ୍ଣ ଚନ୍ଦ୍ର ବିଶୋୟୀଙ୍କ ନେତୃତ୍ୱରେ ବିଧାୟକ କେ.ନାରାୟଣ ରାଓ, ଜିଲା ସାଧାରଣ ସମ୍ପାଦକ ଜଗା ମହାପାତ୍ର, ଚିଟିରି ସିମାଦ୍ରୀ, ଅନିଲ କୁମାର ଏବଂ ବ୍ଲକର ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ। ପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ କୁମାର ପାତ୍ରଙ୍କ ଜରିଆରେ ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

# ଶୀତ ବଢୁଛି, ପର୍ଯ୍ୟଟକଙ୍କ ସୁଅ ଛୁଟୁଛି

## ପଞ୍ଚାୟତରେ ରାତ୍ରି ଆଶ୍ରୟସ୍ଥଳୀ ପାଇଁ ନିର୍ଦ୍ଦେଶ




ଦାରିଙ୍ଗବାଡି,୧୬।୧୧(ଅରୁଣ ସାହୁ):

ଓଡିଶାର କାଶ୍ମୀର କୁହାଯାଉଥିବା ଦାରିଙ୍ଗବାଡିରେ ଧୀରେ ଧୀରେ ଶୀତର ପ୍ରକୋପ ବୃଦ୍ଧି ପାଉଛି। ତାପମାତ୍ରା ହ୍ରାସ ପାଇବା ସହ ପାଗ ସମ୍ପୂର୍ଣ୍ଣ ଶୁଖିଲା ରହିଛି। ଲଘୁଚାପ ବର୍ଷା ସମ୍ପୂର୍ଣ୍ଣ ଛାଡିଯାଇଛି। ଏବେ ଦିନରେ ଖରା ହେବା ସହ ଅପରାହ୍ନରୁ ଆରମ୍ଭ ହେଇଯାଉଛି ଶୀତ। ଏଥିସହ ସୁଲୁସୁଲିଆ ପବନ ବୋହୁଛି। ଫଳରେ ଶୀତର ପ୍ରକୋପ ଦ୍ୱିଗୁଣିତ ହେଇଯାଉଛି। ଉକ୍ତ ବ୍ଲକର ଆଭ୍ୟନ୍ତରୀଣ ଅଞ୍ଚଳରେ ତାପମାତ୍ରା ୧୦ଡିଗ୍ରୀ ତଳେ ପାରଦ ରହୁଛି। ହଠାତ ଶୀତର ପ୍ରକୋପ ବୃଦ୍ଧି ଯୋଗୁଁ ଲୋକେ ନିଆଁ ଲଗାଇ ଶୀତର ଦାଉରୁ ନିଜକୁ ଉଷୁମ କରୁଛନ୍ତି। ଶୀତର ମଜା ନେବାକୁ ଦେଶ ବିଦେଶରୁ ପର୍ଯ୍ୟଟକଙ୍କ ଦାରିଙ୍ଗବାଡି ଆସିବା ଆରମ୍ଭ ହୋଇଗଲାଣି। ବିଶେଷ କରି ପଶ୍ଚିମବଙ୍ଗରୁ ପର୍ଯ୍ୟଟକ ଆସୁଥିବା ବେଳେ କେରଳ, ଚେନାଇ, ମହାରାଷ୍ଟ୍ର ଆଦି ରାଜ୍ୟରୁ ପର୍ଯ୍ୟଟକ ଦାରିଙ୍ଗବାଡିରେ ରାତ୍ରିଯାପନ କରି ଶୀତର ମଜା ନେଉଛନ୍ତି। ହିଲଭିୟୁ ପାର୍କ ସମେତ କଫିବଗିଚା, ଶିଶୁ ଉଦ୍ୟାନ, ଡୁଲୁରୀ ପାଇନବଣ, ଲଭର୍ସ ପଏଣ୍ଟ, ପାଟାବାନ୍ଧା ଜଳପ୍ରପାତ, ରଷିମାଳ, ଯୋଗୀ ମଠ ଆଦି ପର୍ଯ୍ୟଟନକ୍ଷେତ୍ରରେ ପର୍ଯ୍ୟଟକମାନେ ଭିଡ଼ ଜମାଇଲେଣି। ସେହିପରି ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟରେ ରାତ୍ରୀ ଆଶ୍ରୟସ୍ଥଳ ଖୋଲିବାକୁ ସ୍ଥାନୀୟ ବିଡ଼ିଓ ଗଦାଧର ପାତ୍ର ନିର୍ଦ୍ଦେଶ ଦେଇଛନ୍ତି। କୌଣସି ଅସହାୟ ଲୋକଙ୍କୁ ଦେଖିଲେ ସେମାନଙ୍କୁ ଆଶ୍ରୟ ସ୍ଥଳରେ ଆଶ୍ରୟ ଦେବାକୁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ବିଡ଼ିଓ କହିଛନ୍ତି।

## ଆଜି କ'ଣ କେଉଁଠି

**ବ୍ରହ୍ମପୁର**

- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା। ସ୍ଥାନ-ୟୁସିପି ଇଞ୍ଜିନିୟରିଂ ସ୍କୁଲ ଖେଳ ପଡ଼ିଆ। ସମୟ-ପୂର୍ବାହ୍ନ ୧୦ଟା।
- ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ। ସ୍ଥାନ-ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ। ସମୟ-ପୂର୍ବାହ୍ନ ୧୧ଟା।

**ବୁଗୁଡ଼ା**

- ବ୍ଲକ ସ୍ତରୀୟ ବିଜ୍ଞାନ ମେଳା। ସ୍ଥାନ-ବାଲିପଦର ଉଚ୍ଚ ବିଦ୍ୟାଳୟ। ସମୟ-ଦିନ ୧୦ଟା।

## ଘରୁ ସୁନାଗହଣା ଚୋରି

ବ୍ରହ୍ମପୁର,୧୬।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ଥାନା ଅଞ୍ଚଳରେ ରହୁଥିବା ଜଣେ ମହିଳାଙ୍କ ଘରୁ ସୁନାଗହଣା ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। କମାପଲିରେ ରହୁଥିବା ତାରାମଣି ମହାପାତ୍ର କୌଣସି କାମରେ ଭୁବନେଶ୍ୱର ଯାଇଥିଲେ। ସେ ଫେରିବା ପରେ ଘରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ଟଙ୍କା ଚୋରି ହୋଇଯାଇଥିବା ନେଇ ବୁଧବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୫୮୫/୨୩ରେ ଏକ ମାମଲା ରୁଜୁ କରିଛି।

## ନାବାଳିକା ବଳାତ୍କାର ମାମଲା, ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର,୧୬।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ଫାଷ୍ଟଟ୍ରାକ୍ ପୋକ୍ସୋ ଜଜ୍ ଗଣେଶ୍ୱର ପତି ଗୁରୁବାର ଏକ ନାବାଳିକା ବଳାତ୍କାର ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ କରିଛନ୍ତି। ପ୍ରମାଣ ଅଭାବରୁ ଅଭିଯୁକ୍ତ ସଦର ଥାନା ଅଞ୍ଚଳର ଦାସୁଡୁ ଭୂୟାଁ ଓରଫ ଦାସୁରୁ (୨୪)ଙ୍କୁ ସେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଜଣେ ନାବାଳିକାଙ୍କୁ ପ୍ରଲୋଭିତ କରି ୨୦୨୦ ଅକ୍ଟୋବର ୩ ତାରିଖରେ ଅପହରଣ କରି ନିଆଯାଇଥିଲା। ଝିଅକୁ ଅପହରଣ ନେଇ ତାଙ୍କ ବାପା ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୨୮୭/୨୦ରେ ଏକ ମାମଲା ରୁଜୁ କରିଥିଲା। ଘଟଣାର ତଦନ୍ତ କରି ନାବାଳିକାଙ୍କୁ ଭୁବନେଶ୍ୱରର ଏକ ଲଜ୍‌ରୁ ଉଦ୍ଧାର କରିବା ସହ ସେଠାରୁ ଅଭିଯୁକ୍ତ ଦାସୁଡୁଙ୍କୁ କାବୁ କରିଥିଲା। ପରେ ପୀଡ଼ିତାଙ୍କ ବୟାନ ରେକର୍ଡ଼ କରିଥିଲା। ଅପହରଣକାରୀ ନାବାଳିକାଙ୍କୁ ପ୍ରଥମେ ବ୍ରହ୍ମପୁର ଆଣିଥିଲେ। ପରେ ଭୁବନେଶ୍ୱର ନେଇ ଏକ ମନ୍ଦିରରେ ବିବାହ କରି ଲଜ୍‌ରେ ରଖିଥିଲେ। ତାଙ୍କ ଇଚ୍ଛା ବିରୋଧରେ ଅଭିଯୁକ୍ତ ତାଙ୍କୁ ବାରମ୍ବାର ବଳାତ୍କାର କରିଥିଲେ ବୋଲି ନାବାଳିକା ଅଭିଯୋଗ କରିଥିଲେ। ପୋଲିସ ଦାସୁଡୁଙ୍କୁ ଗିରଫ କରି ବଳାତ୍କାର ମାମଲାରେ କୋର୍ଟ ଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଥାନା ଏସଆଇ ସବିତା କୁମାରୀ ପାଣିଗ୍ରାହୀ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ୨୦୨୧ ଡିସେମ୍ବର ୧୭ରେ ଅଭିଯୁକ୍ତଙ୍କୁ ଜାମିନ ମିଳିଥିଲା। ମାମଲାର ବିଚାର ବେଳେ ୯ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ ହୋଇଥିଲା। ସାକ୍ଷୀମାନଙ୍କ ବୟାନକୁ ଭିତ୍ତି କରି ଉପଯୁକ୍ତ ପ୍ରମାଣ ଅଭାବରୁ ଅଭିଯୁକ୍ତଙ୍କୁ ଜଜ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ଜଗତ ମୋହନ ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।

# ଗେଣ୍ଡୁଫୁଲ ଚାଷରେ ଏସ୍‌ଏଚ୍‌ଜି ସାମିଲ

ବ୍ରହ୍ମପୁର,୧୬।୧୧(ସ୍ମୃତି ରଞ୍ଜନ ମହାଲିକ)

ମହିଳା ସଶକ୍ତୀକରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଯଦ୍ୱାରା ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚଜି) ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ଉପକୃତ ହୋଇପାରୁଛନ୍ତି। ପୁଣି ଏସ୍‌ଏଚଜିକୁ ଗେଣ୍ଡୁ ଫୁଲ ଚାଷରେ ସାମିଲ କରି ରାଜ୍ୟ ଉଦ୍ୟାନ ବିଭାଗ ମହିଳାଙ୍କୁ ସଶକ୍ତ ହେବାର ଆଉ ଏକ ସୁଯୋଗ ଦେଇଛି। ପ୍ରଥମ କରି ଜିଲା ଉଦ୍ୟାନ ବିଭାଗ ଓ ଓଡିଶା ଜୀବିକା ମିଶନ ସହଯୋଗରେ ଗଞ୍ଜାମ ବ୍ଲକରେ ଅର୍କିଡ ଫୁଲ ଚାଷରେ ଏସଏଚଜିର ମହିଳାମାନେ ସାମିଲ ହୋଇଥିବା ବେଳେ ଏବେ ଗେଣ୍ଡୁ ଫୁଲ ଚାଷରେ ସାମିଲ କରାଯାଇଛି। ଜିଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ରିପୋର୍ଟ ଅନୁସାରେ ପ୍ରଥମ ପର୍ଯ୍ୟାୟରେ ଜିଲାର କୁକୁଡାଖଣ୍ଡି ବ୍ଲକର ପ୍ରାୟ ୧୦୦ ଏସଏଚଜି ସଦସ୍ୟାଙ୍କୁ ଫୁଲ ଚାଷରେ ନିୟୋଜିତ କରିବା ଲକ୍ଷ୍ୟ ରଖାଯାଇଛି। ବ୍ଲକର ଡେଙ୍ଗାପଦର, ଅନନ୍ତେଇ ଓ ସିଆଳାଠାରେ ୨୫ ଏକର କ୍ଲଷ୍ଟରରେ ଗେଣ୍ଡୁ ଫୁଲ ଚାଷ ନେଇ ଯୋଜନା ରହିଛି। ଓଡିଶା ଜୀବିକା ମିଶନ



ଓ ଜିଲାର ଉଦ୍ୟାନ ବିଭାଗ ସହଯୋଗରେ ବର୍ତ୍ତମାନ ସୁଦ୍ଧା ୭୦ ଏସଏଚଜି ସଦସ୍ୟାଙ୍କୁ ୧୫ ଏକର ଚାଷ ପାଇଁ ଚାରା ବଣ୍ଟନ କରାଯାଇଛି। ଆଉ ୧୦ ଏକର ପାଇଁ ଚାରା ବଣ୍ଟନ କରାଯିବ ବୋଲି ଉଦ୍ୟାନ ବିଭାଗର ସହାୟକ ନିର୍ଦ୍ଦେଶକ ସୁବାଷ ଚନ୍ଦ୍ର ପଣ୍ଡା କହିଛନ୍ତି। ଏହା ପୂର୍ବରୁ ରଙ୍ଗେଇଲୁଣ୍ଡା ବ୍ଲକର ରାଳବ ଓ ହିଞ୍ଜିଳି ବ୍ଲକରେ ପ୍ରାୟ ୪୦ ଏକର ଜମିରେ ୭୦ ଚାଷୀଙ୍କ ଦ୍ୱାରା ଗେଣ୍ଡୁ ଚାଷ ହେଉଥିଲା। ଚଳିତ ବର୍ଷ ଆଉ ୧୨ଏକର ଚାଷ ହେବା ନେଇ ଲକ୍ଷ୍ୟ ରଖାଯାଇଛି। ଏଥିସହ ଗେଣ୍ଡୁ ଫୁଲ ଚାଷ ପାଇଁ ଏସଏଚଜି ସଦସ୍ୟାଙ୍କୁ ହେକ୍ଟର ପିଛା ୮୦% ସବସିଡି ପ୍ରଦାନ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ଏହା ଯଦି ସଫଳ ହୁଏ ତେବେ ଜିଲାର ଅନ୍ୟାନ୍ୟ ବ୍ଲକରେ ଏନେଇ ପଦକ୍ଷେପ ନିଆଯିବ ବୋଲି ପଣ୍ଡା କହିଛନ୍ତି।

# ଗଞ୍ଜାମ ବାଳିକା ହ୍ୟାଣ୍ଡବଲ ଦଳର କେନ୍ଦୁଝର ଗସ୍ତ



କେନ୍ଦୁଝର ଯାତ୍ରା କରିଥିବା ବାଳିକା ହ୍ୟାଣ୍ଡବଲ ଦଳ।

ବ୍ରହ୍ମପୁର,୧୬।୧୧ (ତନୁଶ୍ରୀ ନାହାକ)

କେନ୍ଦୁଝରଠାରେ ଶୁକ୍ରବାରଠାରୁ ଦୁଇ ଦିନିଆ ଆନ୍ତଃଜିଲାସ୍ତରୀୟ ହ୍ୟାଣ୍ଡବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥି ନିମନ୍ତେ ଗଞ୍ଜାମ ଜିଲା ହ୍ୟାଣ୍ଡବଲ ସଂଘ ପକ୍ଷରୁ ୧୬ଜଣିଆ ବାଳିକା ଦଳ ଗୁରୁବାର କେନ୍ଦୁଝର ଗସ୍ତ କରିଛନ୍ତି। ବ୍ରହ୍ମପୁର ଖଲ୍ଲିକୋଟ କଲେଜ ଖେଳପଡ଼ିଆ ଠାରେ କୋଚ୍ ପ୍ରଶାନ୍ତ କୁମାର ରଥଙ୍କ ଠାରୁ ଏମାନେ ତାଲିମ୍ ନେଉଥିଲେ। କେନ୍ଦୁଝର ଗସ୍ତ କରିଥିବା ଟିମକୁ ଜିଲା ହ୍ୟାଣ୍ଡବଲ୍ ସଂଗଠନର ସଭାପତି ତଥା ସ୍ଥାନୀୟ ବିଧାୟକ ବିକ୍ରମ କୁମାର ପଣ୍ଡା, ଜିଲା ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ି, କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ଶୁକ୍ଳା, ଉପସଭାପତି ସରୋଜ କୁମାର ସାମନ୍ତ,କୋଷାଧ୍ୟକ୍ଷ ଡାକ୍ତର ସିଏଚ୍.ମନୋଜ କୁମାର ପାତ୍ର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ଦଳ ସହ କୋଚ୍ ଭାବେ ଅଭିନାଶ ମେଦି ଓ ମ୍ୟାନେଜର ଭାବେ ରାମାଶିସ ଜେନା, ଅଫିସିଆଲ ଭାବେ ସନ୍ଦୀପ କୁମାର ପାତ୍ର ଓ ଦୀପକ କୁମାର ମହାନ୍ତି ଯାତ୍ରା କରିଛନ୍ତି।

## ସେବା ନିବୃତ୍ତ କର୍ମଚାରୀ, ଶିକ୍ଷକ ବିକାଶ ମଞ୍ଚର କାର୍ଯ୍ୟକାରୀ କମିଟି ବୈଠକ

ବ୍ରହ୍ମପୁର,୧୬।୧୧(ଅଶୋକ କୁମାର ସାହୁ)

ଛତ୍ରପୁର ବ୍ଲକ ଟାଙ୍ଗଣାପଲ୍ଲୀ ଶ୍ରୀନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ଗଞ୍ଜାମ ଜିଲା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚର କାର୍ଯ୍ୟକରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି କାମରାଜୁ ମହାରଣା ଏଥିରେ ଅଧ୍ୟକ୍ଷତା କରିଥିଲେ। ରାଜେନ୍ଦ୍ର କୁମାର ପଣ୍ଡା, ପ୍ରଫୁଲ୍ଲ କୁମାର ଦାଶ, ସୁବାସ ଚନ୍ଦ୍ର ମିଶ୍ର, କବିରାଜ ସାହୁ, ଶିକ୍ଷକ ମହାସଂଘ ସଂପାଦକ ଅଶୋକ କୁମାର ଦଳାଇ ପ୍ରମୁଖ ଯୋଗଦେଇ ସଂଗଠନକୁ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ। ଆଗାମୀ ୩ବର୍ଷ ପାଇଁ ସଂଗଠନର ନିର୍ବାଚନ କରାଯାଇଥିଲା। ସଭାପତି ଭାବେ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ଉପସଭାପତି ଭାବେ ଗଙ୍ଗାଧର ନାହାକ ଓ ଅନ୍ତର୍ଯ୍ୟାମୀ ଶତପଥୀ, ସଂପାଦକ ଭାବେ ପତିତପାବନ ବିଷୋୟୀ ଓ ସହ ସଂପାଦକ ଭାବେ ନୃସିଂହ ଚରଣ ତ୍ରିପାଠୀ ମନୋନୀତ ହୋଇଥିଲେ। ଉପଦେଷ୍ଟା ମଣ୍ଡଳୀ ପାଇଁ ଯୁଧିଷ୍ଠିର ବିଷୋୟୀ, ଲକ୍ଷ୍ମୀ ନାରାୟଣ ଶତପଥୀ, ମାଧବ ବିଷୋୟୀ, କାମରାଜୁ ମହାରଣା ଓ ବିପ୍ରଚରଣ ପ୍ରଧାନ ମନୋନୀତ ହୋଇଥିଲେ। ଟାଙ୍ଗଣାପଲ୍ଲୀ ସଂଗଠନର ସଭ୍ୟ ତଥା ବରିଷ୍ଠ ଶିକ୍ଷକ ନେତା କାମରାଜୁ ମହାରଣା ଜିଲା ସଂଗଠନର ସଭାପତି ଦାୟିତ୍ୱ ନେଇଥିବାରୁ ସଂଗଠନ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିରଞ୍ଚି ନାରାୟଣ ଶତପଥୀ, କରୁଣା କର ପଣ୍ଡା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

## ଗାଡ଼ି ଧକ୍କାରେ ଇଞ୍ଜିନିୟରିଂ ଛାତ୍ର ମୃତ

ହିଞ୍ଜିଳିକାଟୁ, ୧୬।୧୧(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳି ଥାନା ଭାବନ୍ଧ- ନନ୍ଦିକ ରାଜ୍ୟ ରାଜପଥର ଧୋବାବି ପାଟପୁର ନିକଟରେ ଏକ ଗାଡି ଧକ୍କାରେ ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଛାତ୍ର ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଆସିକା ଥାନା ଅଞ୍ଚଳର କାହ୍ନୁଚରଣ ଦାଶ ଓ ଆହତ ହେଲେ ଆସିକା ଅଞ୍ଚଳର ଦିପକ ପ୍ରଧାନ। ଉଭୟ ଭାବନ୍ଧସ୍ଥିତ ଏକ ବେସରକାରୀ ବୈଷୟିକ ଶିକ୍ଷାନୁଷ୍ଠାନର ପ୍ରଥମ ବର୍ଷ ଛାତ୍ର । ପୋଲିସ ସେମାନଙ୍କୁ ଉଦ୍ଧାର କରି ବେଲଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଡାକ୍ତର ସେଠାରେ କାହ୍ନୁଙ୍କୁ ମୃତ ଘୋଷଣା କରିଥିଲେ। ଦୀପକଙ୍କୁ ବ୍ରହ୍ମପୁର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com



@ ଗାୟତ୍ରୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ୯୬ ହଜାର ଠକିନେଲେ ସାଇବର ଅପରାଧୀ

ବ୍ରହ୍ମପୁର, ୧୬।୧୧ (ସୁବାସ ଚନ୍ଦ୍ର ପାଢ଼ୀ)

ସାଇବର ଅପରାଧୀଙ୍କ ଟେଲିଗ୍ରାମ ଚ୍ୟାନେଲ ନିଯୁକ୍ତି ଜାଲରେ ପୁଣି ଜଣେ ଯୁବକ ପଡ଼ିଛନ୍ତି। ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଞ୍ଚଳର ଅଭିଷେକ ମହାପାତ୍ରଙ୍କଠାରୁ ସାଇବର ଠକମାନେ ୯୬ହଜାର ୬୦୦ଟଙ୍କା ଠକି ନେଇଛନ୍ତି। ଏ ନେଇ ଅଭିଷେକ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି।

ବାଣପୁରର ମୂଳ ନିବାସୀ ଅଭିଷେକ ବ୍ରହ୍ମପୁର କମାପଲ୍ଲିରେ ରହୁଛନ୍ତି। ଗତ ୩ ତାରିଖରେ ଟେଲିଗ୍ରାମ ଚ୍ୟାନେଲରେ ପାର୍ଟ ଟାଇମ ନିଯୁକ୍ତି ସୁଯୋଗ ଥିବା ନେଇ ତାଙ୍କ ପାଖକୁ ହ୍ୱାଟ୍ସଆପରେ ଏକ ମେସେଜ ଆସିଥିଲା। ତେଣୁ ସେ ଉକ୍ତ ଟେଲିଗ୍ରାମ ଚ୍ୟାନେଲରେ ଯୋଡ଼ି ହୋଇଥିଲେ। ପରେ ତାଙ୍କୁ ଭିଆଇପି ଗ୍ରୁପରେ ସାମିଲ ହେବାକୁ କୁହାଯାଇଥିଲା। ପ୍ରଥମେ ୩ଟି କାମ (ଟାସ୍କ) ଦିଆଯାଇଥିଲା। ସର୍ତ୍ତ ମୁତାବକ ପ୍ରଥମେ ୫ହଜାର ଟଙ୍କା ଜମାକରି ବିଟ କଏନ କିଣିବାକୁ କୁହାଯାଇଥିଲା। ପରେ ତାଙ୍କୁ ୨୪ହଜାର ୮୦୦ ଟଙ୍କା ଜମା କରିବାକୁ କୁହାଯାଇଥିଲା। ଅଧିକରୁ ଅଧିକ ଲାଭ ପାଇଁ କୁହାଯିବାରୁ ଗତ ୬ ତାରିଖରେ ସେ ୬୬ ହଜାର ୮୦୦ ଟଙ୍କା ଜମା କରିଥିଲେ। ଏଭଳି ଭାବେ ତାଙ୍କୁ ମିଳିଥିବା ନିର୍ଦ୍ଦେଶ ମୁତାବକ ଅଭିଷେକ ନିଜ ବ୍ୟାଙ୍କ ଆକାଉଣ୍ଟରୁ ଠକମାନଙ୍କ ବିଭିନ୍ନ ଆକାଉଣ୍ଟକୁ ଟଙ୍କା ପଠାଇଥିଲେ। କିନ୍ତୁ ଟଙ୍କା ଫେରସ୍ତ ଆସିବା ପରିବର୍ତ୍ତେ ତାଙ୍କୁ ଅଧିକରୁ ଅଧିକ ଟଙ୍କା ଇନଭେଷ୍ଟ କରିବା ପାଇଁ ସାଇବର ଠକ ପ୍ରବର୍ତ୍ତାଇଥିଲେ। ଏହାକୁ ବିଶ୍ୱାସ କରି ସେ ମୋଟ ୯୬ହଜାର ୬୦୦ ଟଙ୍କା ଇନଭେଷ୍ଟ କରିବା ପରେ କୌଣସି ଟଙ୍କା ଫେରସ୍ତ ନ ଆସିବାରୁ ଠକାମିର ଶିକାର ହୋଇଥିବା ଜାଣିଥିଲେ। ଟଙ୍କା ଫେରିପାଇବା ପାଇଁ ଶେଷରେ ସେ ବୈଦ୍ୟନାଥପୁର ଥାନା ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ୫୮୮/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

# ଟିପିଏସ୍‌ଓଡିଏଲ୍ ଧନ୍ଦାମୂଳକ ତାଲିମ କେନ୍ଦ୍ରର ସଫଳତା

ବ୍ରହ୍ମପୁର,୧୬।୧୧(ସ୍ମୃତି ରଞ୍ଜନ ମହାଲିକ)

ଟିପିଏସଓଡିଏଲ ପକ୍ଷରୁ ଆସିକାଠାରେ ପ୍ରତିଷ୍ଠା ହୋଇଥିବା ନୂତନ ଧନ୍ଦାମୂଳକ ତାଲିମ କେନ୍ଦ୍ର ୧ ବର୍ଷରୁ କମ ସମୟ ମଧ୍ୟରେ ଉଲେଖନୀୟ ସଫଳତା ହାସଲ କରିଛି। ଏହି କେନ୍ଦ୍ର ଶିକ୍ଷିତ ତଥା ଦକ୍ଷ ଯୁବ ଗୋଷ୍ଠୀଙ୍କୁ ତାଲିମ ପ୍ରଦାନ କରିବା ସହ ନିଯୁକ୍ତି ପ୍ରଦାନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଆର୍ଥିକ ତଥା ସାମାଜିକ ସ୍ତରରେ ପଛୁଆ ଥିବା ଯୁବଗୋଷ୍ଠୀଙ୍କୁ କର୍ମ ନିଯୁକ୍ତି ଦେବା କ୍ଷେତ୍ରରେ ଟିପିଏସଓଡିଏଲର ଏଭଳି ଉଦ୍ୟମକୁ ସବୁ ବର୍ଗରେ ପ୍ରଶଂସା କରାଯାଉଛି। ଟିପିଏଓଡିଏଲର ଏହି ଧନ୍ଦା ମୂଳକ ତାଲିମ କେନ୍ଦ୍ରର ଜାତୀୟ ଦକ୍ଷତା ବିକାଶ ନିଗମ ସହ ଅନୁବନ୍ଧିତ ହୋଇଥିବା ବେଳେ ଉଭୟ ପ୍ରାକ୍ଟିକାଲ ଓ ଥିଓରୀ ତାଲିମ ଉପରେ ଗୁରୁତ୍ୱ ଦେଉଛି। ବିଶାଖାପାଟଣା ସ୍ଥିତ ଏଲ ଏଣ୍ଡ ଟି କଂପାନୀରେ ଆସିଷ୍ଟାଣ୍ଟ ୱେଲଡର ଭାବେ ନୂଆ କରି ନିଯୁକ୍ତି ପାଇଥିବା ଯୋଗିନ୍ଦ୍ର ଦାସ ଟିପିଏସଓଡିଏଲ ଧନ୍ଦା ମୂଳକ ତାଲିମ କେନ୍ଦ୍ରକୁ ନିଜ ସଫଳତାର ଶ୍ରେୟ ଦେଇଛନ୍ତି। ବର୍ତ୍ତମାନ ଏହି ତାଲିମ କେନ୍ଦ୍ରରେ ୩୯ ଜଣ ଯୁବତୀ ଓ ଯୁବକ ତାଲିମ ନେଉଛନ୍ତି। ଦକ୍ଷିଣ ଓଡିଶାର ପ୍ରାୟ ୨୦୦ ଗ୍ରାମର ଯୁବ ଗୋଷ୍ଠୀଙ୍କୁ ନିଯୁକ୍ତି ଦେବା ଉଦ୍ଦେଶ୍ୟରେ କଂପାନୀ ପକ୍ଷରୁ ତାଲିମ କେନ୍ଦ୍ର ପ୍ରତିଷ୍ଠା ହୋଇଛି। ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ ଗର୍ଗ କହିଛନ୍ତି ଯେ, ଯୋଗିନ୍ଦ୍ର ଓ ତାଙ୍କ ଭଳି ଯୁବ ଗୋଷ୍ଠୀମାନେ ଜୀବନର ସମସ୍ତ ବାଧା ବିଘ୍ନକୁ ଅତିକ୍ରମ କରି ଆଗକୁ ବଢି ପାରିଛନ୍ତି। ଯୁବ ଗୋଷ୍ଠୀଙ୍କୁ ତାଲିମ ଓ ନିଯୁକ୍ତି ସୁଯୋଗ ଯୋଗାଇବା କ୍ଷେତ୍ରରେ କଂପାନୀ ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛି ବୋଲି ଶ୍ରୀ ଗର୍ଗ କହିଛନ୍ତି।





ଟିପିଏସଓଡିଏଲ ପକ୍ଷରୁ ତାଲିମ ପ୍ରଦାନ।

## ପ୍ରେସ୍ ଦିବସରେ ବକ୍ତୃତା ପ୍ରତିଯୋଗିତା



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ବ୍ରହ୍ମପୁର,୧୬।୧୧(ତନୁଶ୍ରୀ ନାହାକ)

ଗୋପାଳପୁର ପ୍ରେସ କ୍ଲବ ପକ୍ଷରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିର କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବାଦିକ ସଂଘ ସଭାପତି ସୂର୍ଯ୍ୟନାରାୟଣ ପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମ୍ବାଦିକ ଓ ଗଣଯୋଗଯୋଗ ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର ଡ. ଜୟନ୍ତ କୁମାର ପଣ୍ଡା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଉପଦେଷ୍ଟା ପଞ୍ଚୁ ବେହେରା, ଉପସଭାପତି ପିଣ୍ଟୁ ବେହେରା, ସମ୍ପାଦିକା ତନୁଶ୍ରୀ ନାହାକ, ସହ ସମ୍ପାଦକ ଶୁଭେନ୍ଦୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରେସ କ୍ଲବ ପକ୍ଷରୁ ଗୋପାଳପୁର ମହାବିଦ୍ୟାଳୟ ଠାରେ ଆୟୋଜିତ ଶୃଙ୍ଖଳିତ ରାଷ୍ଟ୍ର ଗଠନରେ ସାମ୍ବାଦିକଙ୍କ ଭୂମିକା ଶୀର୍ଷକ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଂଘ କର୍ମକର୍ତ୍ତା ଅନୀଲ ପଟ୍ଟନାୟକ, ରୁପକ ମହାନ୍ତି, ଚନ୍ଦନ ସାହୁ, କୋଷାଧ୍ୟକ୍ଷ ସାଗର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ତମାଖୁର ଭୟାବହତା ସମ୍ପର୍କିତ ସଚେତନତା





କର୍ମଶାଳାରେ ଉପସ୍ଥିତ ଅତିଥି ବୃନ୍ଦ।

ବ୍ରହ୍ମପୁର,୧୬।୧୧(ସ୍ମୃତି ରଞ୍ଜନ ମହାଲିକ)

ନୀଳକଣ୍ଠନଗର ସରସ୍ୱତୀ ଡିଗ୍ରୀ ବିଦ୍ୟା ମନ୍ଦିର ପରିସରରେ ଗୁରୁବାର ବ୍ରହ୍ମପୁର ଲାୟନ୍ସ କ୍ଲବ ଆନୁକୁଲ୍ୟରେ ତମାଖୁର ଭୟାବହତା ସମ୍ପର୍କିତ ଜନସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସୁବ୍ରତ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ରୂପେ ଲାୟନ୍ସ କ୍ଲବ ସଭାପତି ଇଂ. ଉମାଶଙ୍କର ପାଣିଗ୍ରାହୀ, ସମ୍ପାଦକ ସୁରେଶ ପାଢ଼ି, ଡା. ଜଗଦୀଶ ପଟ୍ଟନାୟକ ଓ ପରିବେଶବିତ ସୁକାନ୍ତ ପଟ୍ଟନାୟକ ଯୋଗ ଦେଇଥିଲେ। ତମାଖୁ ସେବନ ଶାରୀରିକ, ମାନସିକ ଓ ସାମାଜିକ ସ୍ୱାସ୍ଥ୍ୟକୁ କିଭଳି କୁପ୍ରଭାବ ପକାଏ ସେ ସମ୍ପର୍କରେ ଅତିଥିମାନେ ସଚେତନତାମୂଳକ ମତ ରଖିଥିଲେ। ମୁଖ୍ୟବକ୍ତା ଭାବେ ଏମକେସିଜିର ଫୁସଫୁସ ବିଶେଷଜ୍ଞ ଡା. ପ୍ରିୟଜିତ ଜେନା ଛାତ୍ରୀଛାତ୍ରଙ୍କୁ ଧୂମପାନର ଭୟାବହତା ସମ୍ପର୍କରେ ସଚେତନ କରାଇଥିଲେ।

ଧୂମପାନ ଓ ତମାଖୁର କୁପ୍ରଭାବରେ କ୍ୟାନସର, ହୃଦଘାତ ଓ ଯକ୍ଷ୍ମା କିଭଳି ଏକ ସୁନ୍ଦର ପରିବାରକୁ ଧ୍ୱଂସ କରେ ସେ ସଂପର୍କରେ ଆଲୋଚନା କରାଯାଇଥିଲା। ଅନୁଷ୍ଠାନର ଉପାଧ୍ୟକ୍ଷ ଡ. ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବରିଷ୍ଠ ପ୍ରଧାପକ ଡ. ଉମେଶ ସାହୁ, ପ୍ରାଧାପକ ଡ. ରାଜେନ୍ଦ୍ର ମୂର୍ତ୍ତି, ତନ୍ମୟ ଆଚାରୀ, ଶୁଭଶ୍ରୀ ଶତପଥି, ପ୍ରଦ୍ୟୁମ୍ନ କୁମାର ସାହୁ, ଡ. ଲିଟୁ ପଟ୍ଟନାୟକ, ଡ.ବିନୟ ପ୍ରକାଶ ପାଣିଗ୍ରାହୀ, ଆଦର୍ଶ ରଞ୍ଜନ ପତି, ଏ. ଦୀପ୍ତି ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ପରିଚାଳନା ସମିତିର ସଭାପତି ଡ. ଜୀବାନନ୍ଦ ତ୍ରିପାଠୀ, ସମ୍ପାଦକ ନାରାୟଣ ପଣ୍ଡା, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ଯୁଗ୍ମ ସମ୍ପାଦକ ନୀଳକଣ୍ଠ ସାହୁ, ପରିଚାଳନା ସମିତିର ଉପଦେଷ୍ଟା ମଣ୍ଡଳୀ ଏବଂ କର୍ମକର୍ତ୍ତା, ସରସ୍ୱତୀ ବିଦ୍ୟା ମନ୍ଦିରର ଅଧ୍ୟକ୍ଷ ଏସ.ମୋହନ ରାଓ ଓ ସରସ୍ୱତୀ ବିଦ୍ୟା ମନ୍ଦିରର ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି ସମସ୍ତଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଇଥିଲେ।

## ଚିକିତ୍ସା ଅବହେଳାରୁ ମୃତ୍ୟୁ ଅଭିଯୋଗ

ବ୍ରହ୍ମପୁର,୧୬।୧୧(ସୁବାସ ପାଢ଼ୀ)

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲରେ ପୁଣି ଚିକିତ୍ସାରେ ଅବହେଳାରୁ ଜଣେ ରୋଗୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଦିଗପହଣ୍ଡି କରପଡ଼ା ଗ୍ରାମର ହିମାଂଶୁ ପ୍ରଧାନ(୩୫)। ଭାଇର ଅବସ୍ଥା ଖରାପ ଥିଲେ ସୁଦ୍ଧା ତାଙ୍କୁ ଚିକିତ୍ସା କରାଯାଇ ନ ଥିଲା କି ମେଡିକାଲରେ ରଖାଗଲାନି। ତେଣୁ ମୃତ୍ୟୁ ଘଟିଲା ବୋଲି ମୃତକଙ୍କ ଭାଇ ଶୁଭ୍ରାଂଶୁ ପ୍ରଧାନ ଅଭିଯୋଗ କରିଛନ୍ତି। ହିମାଂଶୁଙ୍କ ଗୋଡ଼ରେ ଗାଡ଼ି ଷ୍ଟାଣ୍ଡ ବାଜି କ୍ଷତ ହୋଇଥିଲା। ବୁଧବାର ସେଥିରେ ପୁଣିଥରେ ଆଘାତ ଲାଗିବାରୁ ରକ୍ତସ୍ରାବ ହୋଇଥିଲା। ଅପରାହ୍ଣରେ ହିଂମାଶୁଙ୍କୁ ଏମ୍‌କେସିଜି କାଜୁଆଲ୍ଟିରେ ଭର୍ତ୍ତି କରାଯାଇଥିଲା। ଡାକ୍ତର କ୍ଷତ ସ୍ଥାନରେ ବ୍ୟାଣ୍ଡେଜ୍ କରି କିଛି ଔଷଧ ଦେଇ ଘରକୁ ଯିବାକୁ କହିଥିଲେ। ଗୁରୁବାର ହିଂମାଶୁଙ୍କ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ବମକୋଇ ଡାକ୍ତରଖାନାରେ ୨ଟି ଇଂଜେକ୍ସନ୍ ଦେବା ପରେ ସଂଧ୍ୟାରେ ଏମ୍‌କେସିଜି ଅଣାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମେଡିକାଲ ରେଜିଷ୍ଟ୍ରାର୍ ସଂଗ୍ରାମ ଶେଖର ପଣ୍ଡା କହିଛନ୍ତି, ଚିକିତ୍ସା ଅବହେଳା ନେଇ ଲିଖିତ ଅଭିଯୋଗ ହେଲେ ଏକ ଟିମ ଗଠନ କରାଯାଇ ଘଟଣାର ତଦନ୍ତ କରାଯିବ।

# ଦାବି ପୂରଣ ନ ହେଲେ ଭୋଟ ବର୍ଜନ

ବ୍ରହ୍ମପୁର,୧୬।୧୧(ସ୍ମୃତି ରଞ୍ଜନ ମହାଲିକ)

ଓଡିଶା ଇପିଏଫ ପେନସନର୍ସ ଆସୋସିଏଶନ ପକ୍ଷରୁ ଗୁରୁବାର ବ୍ରହ୍ମପୁର ଇପିଏଫ କମିଶନରଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିସହ ସଂଘ ପକ୍ଷରୁ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା କରାଯାଇଥିଲା। ସଂଘର ଦାବି ଗୁଡିକ ମଧ୍ୟରେ ଇପିଏଫ ପେନସନଧାରୀଙ୍କୁ ମାସିକ ସର୍ବନିମ୍ନ ପେନସନ ୧ ହଜାର ଟଙ୍କାରୁ ୯ହଜାର ଟଙ୍କା ବୃଦ୍ଧି, ଅତିରିକ୍ତ ମହଙ୍ଗା ଭତ୍ତା ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରିବା ପାଇଁ ଦାବି ରହିଛି। ଉକ୍ତ ଦାବି ସମୂହକୁ ନେଇ ବାରମ୍ବାର ଆରଡିସି, ଜିଲାପାଳ ଓ ଇପିଏଫ କମିଶନରଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କୁ ଦାବି ପତ୍ର ପ୍ରଦାନ କରାଯାଉଥିଲେ ସୁଦ୍ଧା କୌଣସି ଦୃଷ୍ଟି ଦିଆଯାଉ ନ ଥିବା ସଂଘ ଅଭିଯୋଗ କରିଛି। ଆସନ୍ତା ନିର୍ବାଚନ ପୂର୍ବରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଦାବି ଗୁଡିକୁ ପୂରଣ କରା ନ ଗଲେ ଆଗାମୀ ନିର୍ବାଚନରେ ପେନସନ ନାହିଁ ତ ଭୋଟ ନାହିଁ ନିଷ୍ପତ୍ତି ନିଆଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଆଜିର ପ୍ରତିବାଦ ସଭାରେ ରବି ନାରାୟଣ ସାବତ, ରବିନ୍ଦ୍ର ନାଥ ସାମନ୍ତରାୟ ଓ ରବିନ୍ଦ୍ର ନାଥ ଶତପଥୀଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।





ଇପିଏଫ୍ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ।

